ସକାଳ THE SAKALA
# ସିନ୍ଦୂରା
ରବିବାର
ରବିବାର, ଅଗଷ୍ଟ ୯ - ୧୫, ୨୦୨୬
www.sakalaepaper.com

- ଲବଣ ସତ୍ୟାଗ୍ରହ
- ଅସହଯୋଗ ଆନ୍ଦୋଳନ
- ସ୍ୱଦେଶୀ ଆନ୍ଦୋଳନ
- ବିପ୍ଳବର ଜୟଯାତ୍ରା
- ଓଡ଼ିଶାରେ ବିପ୍ଳବ



# ଭାରତୀୟ ମୁକ୍ତି ସଂଗ୍ରାମ

**ଭାରତର ସ୍ୱାଧୀନତା ଆନ୍ଦୋଳନରେ ସଂଗ୍ରାମୀମାନଙ୍କ ତ୍ୟାଗପୂତ ଜୀବନ ଅତ୍ୟନ୍ତ ପ୍ରେରଣାପ୍ରଦ । ବିପ୍ଳବ ମାଧ୍ୟମରେ ଇଂରେଜ ସରକାରଙ୍କୁ ଦେଶରୁ ବିତାଡ଼ିତ କରିବାରେ ସେମାନେ ସଫଳ ହୋଇଥିଲେ । ତେବେ ଏ ବିପ୍ଳବ ଥିଲା ବେଶ୍ କଠିନ ଓ ସଂଘର୍ଷମୟ । ବ୍ରିଟିଶ୍ ଶାସକ ବିରୁଦ୍ଧରେ ଭାରତୀୟମାନଙ୍କ ଆନ୍ଦୋଳନର ପନ୍ଥା ଶକ୍ତିଶାଳୀ ଥିଲା । ବିଦେଶୀ ଶତ୍ରୁଙ୍କୁ ଦମନ କରିବା ପାଇଁ ରାଜନୀତିକ, ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉଦ୍ୟମ କରାଯାଇଥିଲା । ଜାତିର ଜନକ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହରୁ, ସୁଭାଷ ଚନ୍ଦ୍ର ବୋଷ, ବାଲ ଗଙ୍ଗାଧର ତିଳକଙ୍କ ଭଳି ଶହ ଶହ ସଂଗ୍ରାମୀଙ୍କ ନେତୃତ୍ୱରେ ଭାରତୀୟ ମୁକ୍ତି ସଂଗ୍ରାମର ବହ୍ନି ସାରା ଦେଶରେ ତେଜିବାକୁ ଲାଗିଥିଲା । ବିଭିନ୍ନ ରାଜ୍ୟରେ ଆନ୍ଦୋଳନଗୁଡ଼ିକର ନେତୃତ୍ୱ ନେଉଥିଲେ ଭିନ୍ନ ଭିନ୍ନ ସଂଗ୍ରାମୀ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ ସେଭଳି କେତୋଟି ପ୍ରମୁଖ ଆନ୍ଦୋଳନକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

**ଭାରତରେ ଇଂରେଜ ଶାସନ କାଳ ଥିଲା ସବୁଠାରୁ କଳଙ୍କିତ ଅଧ୍ୟାୟ । ବ୍ରିଟିଶ୍ ସରକାରଙ୍କ ଅକଥନୀୟ ନିର୍ଯାତନା, ବେଆଇନ ଖଜଣା ଆଦାୟ, ଏକଛତ୍ରବାଦ ଶାସନରେ ଅତିଷ୍ଠ ହୋଇପଡ଼ିଲେ ଦେଶବାସୀ । ବ୍ରିଟିଶ୍ ରାଜକୁ ଦମନ କରିବା ପାଇଁ ୧୮୫୭ ମସିହାରେ ଆରମ୍ଭ ହୋଇଥିଲା ସିପାହୀ ବିଦ୍ରୋହ । ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେବାରେ ଲାଗିଲା ସାରା ଦେଶରେ । ହଜାର ହଜାର ଯୁବକ, ଛାତ୍ର ଝାସ ଦେଲେ ସ୍ୱାଧୀନତା ଆନ୍ଦୋଳନରେ । ସଂଗ୍ରାମୀମାନଙ୍କ ନେତୃତ୍ୱରେ ବିପ୍ଳବ ତୀବ୍ରରୁ ତୀବ୍ରତର ହେବାରେ ଲାଗିଲା । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଇଂରେଜ ଶାସନ କବଳରୁ ମୁକ୍ତି ପାଇଲେ ଭାରତୀୟମାନେ । ଏହି ପରିପ୍ରେକ୍ଷୀରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସହିତ ଜଡ଼ିତ କେତେକ ପ୍ରମୁଖ ବିପ୍ଳବକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।**

ପ୍ରସ୍ତୁତି 'ସକାଳ' ବ୍ୟୁରୋ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଥାଏ । ୧୮୫୭ରୁ ୧୯୦୫ ମସିହା ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆନ୍ଦୋଳନ ହୋଇଥିଲା । ୧୮୫୭ ମସିହାରେ ମିରଠଠାରେ ଇଂରେଜ ସରକାର ବିରୁଦ୍ଧରେ ସିପାହୀ ବିଦ୍ରୋହ ଥିଲା ପ୍ରଥମ ଆନ୍ଦୋଳନ । ଇଷ୍ଟ ଇଣ୍ଡିଆ କମ୍ପାନି ଅଧୀନରେ କାର୍ଯ୍ୟରତ ଭାରତୀୟ ସିପାହୀମାନଙ୍କ ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହା ଥିଲା ବ୍ରିଟିଶ୍ ସରକାର ବିରୁଦ୍ଧରେ ଭାରତୀୟମାନଙ୍କ ଜାତୀୟତା ଭାବନାର ଆରମ୍ଭ । ସେତେବେଳେ ଏହି ଆନ୍ଦୋଳନକୁ ଚାପି ଦିଆଯାଇଥିଲା । ତେବେ ଆଗକୁ ସଂଗଠିତ ଜାତୀୟ ଆନ୍ଦୋଳନକୁ ଏହା ବେଶ୍ ପ୍ରେରିତ କରିଥିଲା । ପରବର୍ତ୍ତୀ ସମୟରେ ଆନ୍ଦୋଳନଗୁଡ଼ିକକୁ ଅଧିକ ସକ୍ରିୟ ଓ ଶକ୍ତିଶାଳୀ କରାଗଲା । ୧୯୦୫ରୁ ୧୯୧୯ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ବ୍ରିଟିଶ ସରକାର ବିରୁଦ୍ଧରେ ଆନ୍ଦୋଳନ ତେଜି ଉଠିଥିଲା । ୧୯୦୫ ମସିହାରେ ବଙ୍ଗ ବିଭାଜନ ବିରୋଧରେ ସ୍ୱଦେଶୀ ଆନ୍ଦୋଳନ ଆରମ୍ଭ ହୋଇଥିଲା । ସେହି ସମୟରେ ବାଲ ଗଙ୍ଗାଧର ତିଳକ, ଲାଲା ଲାଜପତ ରାୟ, ବିପିନ ଚନ୍ଦ୍ର ପାଲଙ୍କ ଭଳି ମହାନ୍ ସଂଗ୍ରାମୀମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।

୧୯୧୯ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଭାରତର ତୃତୀୟ ପର୍ଯ୍ୟାୟ ଆନ୍ଦୋଳନ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହା ଥିଲା ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ନିର୍ଣ୍ଣାୟକ ସମୟ । କାରଣ ଏହି ସମୟ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅନେକ ବଡ଼ ବଡ଼ ଆନ୍ଦୋଳନ ହୋଇଥିଲା । ୧୯୨୦ରୁ ୧୯୨୨ ମସିହା ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନରେ ବିଦେଶୀ ବସ୍ତୁ ଓ ସଂସ୍ଥାକୁ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଥିଲା । ସେହିପରି ୧୯୩୦ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଥମ ପଦକ୍ଷେପ ଥିଲା ଲବଣ ସତ୍ୟାଗ୍ରହ। ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ଗାନ୍ଧିଜୀ ନିଜ ଅନୁଗାମୀମାନଙ୍କ ସହ ସାବରମତୀ



ଆଶ୍ରମଠାରୁ ବାହାରି ଗୁଜରାଟର ଦାଣ୍ଡି ଅଭିମୁଖେ ପଦଯାତ୍ରା ଆରମ୍ଭ କରିଥିଲେ । ଏହି ଯାତ୍ରା ଐତିହାସିକ 'ଦାଣ୍ଡିଯାତ୍ରା' ଭାବରେ ପ୍ରସିଦ୍ଧ । ୧୯୩୦ ଏପ୍ରିଲ ୫ ତାରିଖରେ ଏହି ଯାତ୍ରା ଦାଣ୍ଡିଠାରେ ପହଞ୍ଚିଥିଲା । ତାପରଦିନ ଅର୍ଥାତ୍ ଏପ୍ରିଲ ୬ ତାରିଖରେ ଗାନ୍ଧିଜୀ ଆରବସାଗର କୂଳରୁ ଏକ ମୁଠା ଲୁଣ ବାଲି ଉଠାଇ ବ୍ରିଟିଶ ସରକାରଙ୍କ ଲବଣ ଆଇନକୁ ଭଙ୍ଗ କରିଥିଲେ । ସେହିପରି ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ । ବ୍ରିଟିଶ ସରକାର ବିରୁଦ୍ଧରେ 'କର ବା ମର' ଡାକରା ଦିଆଯାଇଥିଲା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହିତ ଜଡ଼ିତ ଅନେକ ବିପ୍ଳବ ଦେଶର ବିଭିନ୍ନ ପ୍ରାନ୍ତରରେ ଆୟୋଜିତ ହୋଇଥିଲା । ଚମ୍ପାରଣ ସତ୍ୟାଗ୍ରହ, ଖିଲାଫତ୍ ଆନ୍ଦୋଳନ, ଖେଡ଼ା ସତ୍ୟାଗ୍ରହ, ଗରଦ ଆନ୍ଦୋଳନ, ହୋମ୍ ରୁଲ୍ ଆନ୍ଦୋଳନ, ବର୍ଦ୍ଦୋଳି ସତ୍ୟାଗ୍ରହ ଆଦି ବିଭିନ୍ନ ଆନ୍ଦୋଳନ ଇଂରେଜ ସରକାରଙ୍କ ନିଦ ହଜାଇ ଦେଇଥିଲା । ସେହିପରି ଚନ୍ଦ୍ରଶେଖର ଆଜାଦ, ଭଗତ ସିଂହ, ସୁଖଦେବ, ରାଜଗୁରୁ ପ୍ରମୁଖ ସଂଗ୍ରାମୀମାନେ ସଶସ୍ତ୍ର ସଂଘର୍ଷ ମାଧ୍ୟମରେ ଇଂରେଜ ସରକାରଙ୍କୁ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ 'ଆଜାଦ ହିନ୍ଦ୍ ଫୌଜ୍' ଗଠନ କରି ବ୍ରିଟିଶ୍ ସରକାର ବିରୁଦ୍ଧରେ ଲଢ଼େଇ କରିଥିଲେ । ଇଂରେଜ ସରକାର ବିରୁଦ୍ଧରେ ଓଡ଼ିଶାରେ ମଧ୍ୟ ଅନେକ ଆନ୍ଦୋଳନ ସଂଘଟିତ ହୋଇଥିଲା । ସେଥିମଧ୍ୟରୁ ପାଇକ ବିଦ୍ରୋହ, ଘୁମୁସୁର କନ୍ଧ ବିଦ୍ରୋହ, ପ୍ରଜାମଣ୍ଡ ଆନ୍ଦୋଳନ, ଜନଜାତି ଆନ୍ଦୋଳନ ଆଦି ଅନ୍ୟତମ । ୧୮୫୭ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଏକ ଐତିହାସିକ ସଂଘର୍ଷ ଥିଲା । ବ୍ରିଟିଶ୍ ଶାସକଙ୍କୁ ଗାଦିଚ୍ୟୁତ କରିବା ଥିଲା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନତାର ସ୍ୱାଦ ଚାଖି ପାରିଥିଲା । ଭାରତୀୟମାନେ ଇଂରେଜ ସରକାରଙ୍କ ଅତ୍ୟାଚାରରୁ ମୁକ୍ତି ପାଇଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ଜଡ଼ିତ ପ୍ରତ୍ୟେକ ସଂଗ୍ରାମୀ ଓ ବିପ୍ଳବର ନାଁ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ ନିଶ୍ଚୟ । ■

# ଓଡ଼ିଶାରେ ଅଗଷ୍ଟ କ୍ରାନ୍ତି






ପ୍ରହଲାଦ କୁମାର ସିଂହ

**ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବାଣୀ ସତ୍ୟାଗ୍ରହ ଆଦି ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ କାଳରେ ଓଡ଼ିଶାରେ ବିପ୍ଳବର ବହ୍ନି ଜଳିଲା । ୧୯୨୧ରୁ ୧୯୩୮ ମଧ୍ୟରେ ଗାନ୍ଧିଜୀଙ୍କ ବାରମ୍ବାର ଗସ୍ତ ଫଳରେ ଓଡ଼ିଶା ହୋଇଗଲା ଗାନ୍ଧିଜୀଙ୍କ ସତ୍ୟାଗ୍ରହ ଆନ୍ଦୋଳନର ପ୍ରୟୋଗଶାଳା । ଏହି ଭିତ୍ତିଭୂମିରେ ୧୯୪୨ର ଭାରତ ଛାଡ଼ ଆନ୍ଦୋଳନରେ ଗାନ୍ଧିଜୀଙ୍କ ଆହ୍ୱାନ 'କର ବା ମର' ପାଲଟିଗଲା ମୁକ୍ତି ସଂଗ୍ରାମୀମାନଙ୍କ ମହାମନ୍ତ୍ର । ସାରା ଦେଶରେ ଚାଲିଥିବା ଏହି ଲଢ଼େଇରେ ଓଡ଼ିଶାର ଯୋଗଦାନ ଥିଲା ଅଭୂତପୂର୍ବ । କେବଳ ଭାରତ ଛାଡ଼ ଆନ୍ଦୋଳନ ବେଳେ ଓଡ଼ିଶାରୁ ପାଖାପାଖି ୧୫୦ ସଂଗ୍ରାମୀ ଶହୀଦ ହେଲେ । ଶହଶହ ମହିଳା ସପରିବାର ମୁକ୍ତି ଆନ୍ଦୋଳନରେ ଝାସ ଦେଇ କାରା ଓ ନିର୍ଯାତନା ବରଣ କଲେ । ଆମ ରାଜ୍ୟର ହଜାର ହଜାର ସତ୍ୟାଗ୍ରହୀ ବି ଭାରତ ଛାଡ଼ ଆନ୍ଦୋଳନ ବେଳେ କାରା ଯନ୍ତ୍ରଣା ଭୋଗିଥିଲେ ।**

୧୯୪୨ ଅଗଷ୍ଟ ୮ରେ ବମ୍ବେରେ ଆୟୋଜିତ ଅଧିବେଶନରେ ଗାନ୍ଧିଜୀ ଦେଇଥିବା 'କର ବା ମର' ଆହ୍ୱାନର ପ୍ରତିଫଳନ ସ୍ୱରୂପ ସେହି ମାସ ୨୧ ତାରିଖରେ ବର୍ତ୍ତମାନର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ ମାଥିଲିଠାରେ ଅମର ଶହୀଦ ଲକ୍ଷ୍ମଣ ନାଏକଙ୍କ ନେତୃତ୍ୱରେ ଆସିଥିବା ସତ୍ୟାଗ୍ରହୀଙ୍କ ଉପରେ ପୁଲିସର ଅପ୍ରତ୍ୟାଶିତ ଗୁଳି ଚାଳନା ଯୋଗୁ ଘଟଣାସ୍ଥଳରେ ସମରା ବିଶି ନାଏକ, ନରସିଂହ ଡମ୍ବ, ଅର୍ଜୁନ କୁଟିଆ, ଲିଙ୍ଗ କୁଟିଆ, ସୁକୁ ଗେଟେ ଆଦି ଶହୀଦ ହେଲେ । ଏହି ଆନ୍ଦୋଳନର ନେତା ଲକ୍ଷ୍ମଣ ନାଏକଙ୍କୁ ଏକ ମିଛ ମାମଲାରେ ଛନ୍ଦି ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଗଲା ଏବଂ ୧୯୪୩ ମାର୍ଚ୍ଚ ୨୯ରେ ବ୍ରହ୍ମପୁର ଜେଲ୍‌ରେ ଲକ୍ଷ୍ମଣଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଗଲା ।

ମାଥିଲି ଗୁଳିକାଣ୍ଡର ମାତ୍ର ୩ଦିନ ପରେ ଅଗଷ୍ଟ ୨୪ରେ ବର୍ତ୍ତମାନର ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ପାପଡ଼ାହାଣ୍ଡିଠାରେ ତ୍ରିନଦୀ ପୋଲ ଉପରେ ଦୁଇପଟୁ ପୁଲିସ ଗୁଳି ଚଳାଇଥିଲା ସତ୍ୟାଗ୍ରହୀଙ୍କ ଶୋଭାଯାତ୍ରା ଉପରେ । ଘଟଣାସ୍ଥଳରେ ୧୯ଜଣ ଶହୀଦ ହେଲେ ଏବଂ ଆଉ କେତେ ଯେ ନଦୀ ସ୍ରୋତରେ ଭାସିଗଲେ ତା'ର ହିସାବ ନାହିଁ । ଏହି ଗୁଳିକାଣ୍ଡରେ ଖଗପତି ଅମାନାତ୍ୟ, ସୁଦ୍ରୁ ଭତ୍ରା, ଆନନ୍ଦ ଗୌଡ଼, ବଳି ସୌରା, ବୁଦ୍ରୁ ଅମାନାତ୍ୟ, ରତନ ରନ୍ଧାରୀ, ରାମଚନ୍ଦ୍ର ଅମାନାତ୍ୟ, ଘାସି ଜାନି, ସୁକ୍ରୁ ମୁଦୁଲି, ରତନ ପୂଜାରୀ, ଦିନବନ୍ଧୁ ଜାନି, ଜଗନ୍ନାଥ ଅମାନାତ୍ୟ, ଭଗବାନ ପୂଜାରୀ, ବିକ୍ରମ ଭତ୍ରା, ପରମାନନ୍ଦ ଶବର, ମଙ୍ଗୁଲୁ ଭତ୍ରା, ସହଦେବ ପୂଜାରୀ, ସଦାଶିବ ରଣା, ଶ୍ୟାମସୁନ୍ଦର ଗୌଡ଼ଙ୍କ ଭଳି ୧୯ଜଣ ସତ୍ୟାଗ୍ରହୀ ଶହୀଦ ହୋଇଥିଲେ । ମାଥିଲି ଓ ପାପଡ଼ାହାଣ୍ଡି ଗୁଳିକାଣ୍ଡରେ ଅନେକ ସଂଗ୍ରାମୀ ଆହତ ହୋଇଥିଲେ ।



ସେହିପରି ଅଗଷ୍ଟ ୨୬ ତାରିଖରେ ବର୍ତ୍ତମାନର ଯାଜପୁର ଜିଲ୍ଲା ଅନ୍ତର୍ଗତ କାଇପଡ଼ା-କଳାମାଟିଆଠାରେ ବ୍ରିଟିଶ ପୁଲିସର ଗୁଳି ଓ ବାଏନଟ୍ ମାଡ଼ରେ ସାଉଁଟି ମଳିକ, ସାନନ୍ଦ ସ୍ୱାଇଁ, ମାୟାଧର ଭୂୟାଁ ଓ ହାଡ଼ିବନ୍ଧୁ ପଣ୍ଡା ଶହୀଦ ହୋଇଥିବାବେଳେ ଆଉ କେତେକ ଆହତ ହୋଇଥିଲେ । ୧୯୪୨ ସେପ୍ଟେମ୍ବର ୧୭ ତାରିଖରେ ପୁରୀ ଜିଲ୍ଲାର ନିମାପଡ଼ାଠାରେ ହୋଇଥିବା ପୁଲିସ ଗୁଳିକାଣ୍ଡରେ ଉଚ୍ଛବ ମଳିକ ଶହୀଦ ହୋଇଥିବାବେଳେ ତାଙ୍କ ପୁଅଙ୍କ ସମେତ ଅନ୍ୟୁନ ୨୦ଜଣ ଆହତ ହୋଇଥିଲେ ।

ସେପ୍ଟେମ୍ବର ୨୨ରେ ବର୍ତ୍ତମାନର ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଲୁଣିଆ (ଚାନ୍ଦିପୋଷି)ଠାରେ ପୁଲିସର ଗୁଳିମାଡ଼ରେ ନିଧି ମହାଳିକ, ଶ୍ୟାମ ମହାଳିକ, କୃଷ୍ଣ ମହାଳିକ, ଅଗଣି ସାହୁ, ଶଙ୍କର ବେହେରା, ନବ କୁମାର ନାୟକ, ଗୋପୀନାଥ ଜେନା, ଚିନ୍ତାମଣି ଦାସ ଓ ଗୌରହରି ଜେନାଙ୍କ ଭଳି ୯ଜଣ ସଂଗ୍ରାମୀ ଶହୀଦ ହୋଇଥିବାବେଳେ ୧୫ରୁ ଅଧିକ ଆହତ ହୋଇଥିଲେ । ପରବର୍ତ୍ତୀ ସମୟରେ କ୍ରାନ୍ତିକାରୀ ଜନନେତା ନବକୃଷ୍ଣ ଚୌଧୁରୀ ଏହି ବଳିଦାନର କ୍ଷେତ୍ରକୁ ଶହୀଦ ନଗର ନାମରେ ନାମିତ କରିଥିଲେ ।

ଭଦ୍ରକ ଜିଲ୍ଲାର ଇରମ୍ ଅଞ୍ଚଳକୁ ସେତେବେଳେ ସ୍ଥାନୀୟ ଲୋକେ ସ୍ୱାଧୀନ ବାଞ୍ଛାନିଧି ଚକଲା ନାମରେ ନାମିତ କରି ସମାନ୍ତରାଳ ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ଇରମ୍ ମେଳଣ ପଡ଼ିଆରେ ଏହି ଅବସରରେ ୧୯୪୨ ସେପ୍ଟେମ୍ବର ୨୮ ଅପରାହ୍ଣରେ ଏକ ସଭା ହେଉଥିଲା । ପଡ଼ିଆଟି ତିନୋଟି ଦିଗରୁ ଅବରୁଦ୍ଧ ଥିଲା । ବିନା ପୂର୍ବ ସୂଚନାରେ ଏହି ସଭା ଉପରେ ପୁଲିସ ଅତର୍କିତ ଗୁଳି ଚାଳନା କରିବାରୁ ଘଟଣାସ୍ଥଳରେ ୨୮ଜଣ ଓ ପରେ ଆଉ ଜଣଙ୍କର ମୃତ୍ୟୁ ଘଟିଥିଲା । ୫୬ରୁ ଅଧିକ ସତ୍ୟାଗ୍ରହୀ ଆହତ ହୋଇଥିଲେ । ଦ୍ୱିତୀୟ ଜାଲିଆନାୱାଲାବାଗ ଭାବେ ପରିଚିତ ରକ୍ତତୀର୍ଥ ଇରମ୍‌ରେ ଯେଉଁମାନେ ଶହୀଦ ହେଲେ ସେମାନଙ୍କ ଭିତରେ ଥିଲେ ଜଣେ ମହିଳା ପରି ବେୱା । ତାଙ୍କ ଛଡ଼ା ଗୋପାଳ ଚରଣ ଦାସ, ଧ୍ରୁବ ଚରଣ ଦେ, ବିଶ୍ୱନାଥ ଦାସ, ବିଜୁଳି ଦାସ, ରାମ ମାଝୀ, କୃପାସିନ୍ଧୁ ବେହେରା, ରାଧୁ ମହାଳିକ, ମଦନ ପଲାଇ, ବାସୁଦେବ ସାହୁ, ହୃଷି ବେହେରା, ବଲ୍ଲଭ ବେହେରା, ହରି ବେହେରା, ମାଘ ମହାଳିକ, କୃଷ୍ଣ ସ୍ୱାଇଁ, ମନି ବେହେରା, ଭୂଆ ମାଝୀ, କାଳି ମାଝୀ, ଗୋବିନ୍ଦ ରାଉତ, ବୃନ୍ଦାବନ ପଣ୍ଡା, ଉପ ମଲ୍ଲିକ, ଯତି ସାହୁ, ଦିବାକର ପାଣିଗ୍ରାହୀ, ଶଙ୍କର ମଲ୍ଲିକ, ନିଧି ମଲ୍ଲିକ, ଭଗବାନ ରାଉତ, ରତ୍ନାକର ପାଣି, ପରି ଦାସ ଓ ମଣି ପ୍ରଧାନ ଆଦି ଦେଶ ମାତୃକା ପାଇଁ ଜୀବନଦାନ ଦେଇଥିଲେ । ସେହିଦିନ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଡୁଡ଼ିଗଡ଼ିଆ-ଖଇରାଡିହିଠାରେ ହୋଇଥିବା ଅନ୍ୟ ଏକ ଗୁଳିକାଣ୍ଡରେ ମକର ଲେଙ୍କା, କେଲୁ ସାହୁ ଓ ରଘୁ ବେହେରା ଦେଶ ମାତୃକା ପାଇଁ ଶହୀଦ ହୋଇଥିଲେ ।

ଭାରତ ଛାଡ଼ ଆନ୍ଦୋଳନ କାଳରେ ତାଳଚେର ଗଡ଼ଜାତରେ ପୁଲିସ ଗୁଳିରେ ପଦିଆ ବେହେରା ଏବଂ ଆକାଶ ମାର୍ଗରୁ ଆକ୍ରମଣରେ ରଜନୀ ନାୟକ, ମହେଶ୍ୱର ପ୍ରଧାନ, ଭଗବାନ ସାହୁ, କୃତାର୍ଥ ପ୍ରଧାନ, ବାସୁଦେବ ସାହୁ ଶହୀଦ ହୋଇଥିଲେ । ସେହିପରି ନୀଳଗିରି ଗଡ଼ଜାତରେ ଗଙ୍ଗା ମଲିକ ଓ ରଘୁ ନାୟକ ଦେଶ ପାଇଁ ଜୀବନ ଦେଇଥିବାବେଳେ ନୟାଗଡ଼ ଗଡ଼ଜାତରେ କଷ୍ଟି ଡାକୁଆ, କସ୍ତୁରୀ ପରିଡ଼ା, ବୁଦ୍ଧି ପରିଡ଼ା, ଜୟୀ ବେହେରା ପ୍ରମୁଖ ଜୀବନଦାନ ଦେଇଥିଲେ । ଢେଙ୍କାନାଳ ଗଡ଼ଜାତରେ ପୁଲିସ ଗୁଳିରେ ବେଣୁ ସାହୁ ଓ ବୀର ସାହୁ ଶହୀଦ ହୋଇଥିଲେ ଏବଂ ମୁଷା ମଲ୍ଲିକ, ଅନୁକୂଳ ସାହୁ ଓ ଅନନ୍ତ ସାହୁଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିଲା । କୋରାପୁଟ, ନବରଙ୍ଗପୁର ଆଦି ଜେଲ୍‌ରେ ୬୦ରୁ ଅଧିକ ସଂଗ୍ରାମୀ ଶହୀଦ ହୋଇଥିଲେ । ଏମାନଙ୍କ ମଧ୍ୟରେ ଗୋପୀନାଥ ପୂଜାରୀ, କଣ୍ଡେସୁନା ଝରିଆ, ବଳରାମ ଭୂୟାଁ, ମଙ୍ଗଳ ମାଡକାମୀ, ଦାମ ପୂଜାରୀ, ସମ୍ବାରୁ ନାଇକ, ଲଇଖଣ ସମରଥ, ଡମ୍ବରୁ ସୀସା, ଭଗବାନ ଖିଲ, ହରି ଅମାନାତ୍ୟ, ଗଙ୍ଗାଧର ମୁଦୁଲି, ମୁଦିଆ ଭତ୍ରା, ମାଧବ ମାଝୀ, କାଳିଆ ମାଝୀ, ବନମାଳି ହରିଜନ, ବଗା ପୂଜାରୀ, ଘାସିଆ ଗଣ୍ଡ, ଲଇଖଣ ଖମ୍ବ, ପରମାନନ୍ଦ ସୌରା ଆଦିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଭାରତ ଛାଡ଼ ଆନ୍ଦୋଳନ ସମୟରେ ପୁରୀ ଜେଲ୍ ପାଚେରୀ ଡେଇଁ ଦୁଇଜଣ ଯୁବ ସଂଗ୍ରାମୀ ଅଲେଖ ପାତ୍ର ଓ ଲୋକନାଥ ସେନାପତି ପଳାୟନ କରି ବ୍ରିଟିଶ ସରକାର ପ୍ରତି ଆହ୍ୱାନ ସୃଷ୍ଟି କରିଥିଲେ । ବରଗଡ଼ରେ ପାର୍ବତୀ ଗିରିଙ୍କ ଭଳି ଜଣେ ଅବିବାହିତା ତରୁଣୀ ଏସ୍‌ଡିଓଙ୍କ କୋର୍ଟ ଦଖଲ କରି ଇତିହାସ ରଚିଥିବାବେଳେ ରମାଦେବୀ, ମାଳତି ଦେବୀ, କିରଣଲେଖା, ଗୋଦାବରୀ ଦେବୀ, ଶକୁନ୍ତଳା ଦେବୀ, ଶଶୀବାଳା, ହାରାମଣି, ଶୋଭାବତୀ ପଣ୍ଡା, ପ୍ରଭାବତି ଦେବୀଙ୍କ ଭଳି ଶହଶହ ମହିଳା କାରା ବରଣ କରିଥିଲେ । ଅନେକ ମହିଳା ସପରିବାର ଜେଲ୍ ଯାଇଥିଲେ । ବରଗଡ଼ର ପାଣିମୋରା, ରାୟଗଡ଼ାର କୁଜେନ୍ଦ୍ରୀ, ଜଗତସିଂହପୁରର ବାଗଲପୁର, ଭଦ୍ରକର ପଦୁଆଁ ପ୍ରଭୃତି ଗାନ୍ଧୀ ଗାଁ ଭାବେ ପରିଚିତ ହେଲେ । ବାସ୍ତବରେ ଅଗଷ୍ଟ କ୍ରାନ୍ତି ଆନ୍ଦୋଳନ ଦେଶକୁ ସ୍ୱାଧୀନତା ଆଡକୁ ଆଗେଇ ନେଲା । ସେ ସମୟରେ ଗାନ୍ଧୀଜୀଙ୍କ ପତ୍ନୀ କସ୍ତୁରବା ଓ ବ୍ୟକ୍ତିଗତ ସଚିବ ମହାଦେବୀ ଦେଶାଇ ଚିକିତ୍ସା ନପାଇ ବନ୍ଦୀ ଅବସ୍ଥାରେ ଶହୀଦ ହେଲେ ଏବଂ ସେମାନଙ୍କ ମରଶରୀରକୁ ବାହାରକୁ ନପଠାଇ କ୍ୟାମ୍ପ ଜେଲ୍ ପରିସର ଭିତରେ ସତ୍କାର କରାଯାଇଥିଲା । ଅଗଷ୍ଟ କ୍ରାନ୍ତି ଦିବସ ଏ ପରିପ୍ରେକ୍ଷୀରେ ଆମମାନଙ୍କୁ ଚେତାଇ ଦିଏ କଷ୍ଟଲବ୍ଧ ସ୍ୱାଧୀନତାର ସୁରକ୍ଷା ଓ ସମୃଦ୍ଧି ପାଇଁ ପୁଣି ସମର୍ପିତ ଭାବେ କାମ କରିବାକୁ । ଭାରତ ଇତିହାସର ଏହି ଗୌରବାବହ ଅଧ୍ୟାୟରେ ଓଡ଼ିଶାର ନାମ କେବଳ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିନାହିଁ, ବରଂ ଏ ମାଟି ବଳିଦାନର ବୋଲି ପ୍ରମାଣିତ କରିଯାଇଛି । ■

ମୋ: ୯୪୩୭୦୧୭୩୯୫



# ଲବଣ ସତ୍ୟାଗ୍ରହ




ବୈଷ୍ଣବ ମେହେର

ଭାରତ ଶାସନ ଆଇନର କାର୍ଯ୍ୟକାରିତା ଅନୁଧ୍ୟାନ କରିବାକୁ ୧୯୨୭ ମସିହାରେ ସାର୍ ଜନ୍ ସାଇମନଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନରେ କୌଣସି ଭାରତୀୟ ସଦସ୍ୟ ନଥିବା କାରଣରୁ ଉକ୍ତ କମିଶନକୁ ସାରା ଭାରତରେ ତୀବ୍ର ବିରୋଧ କରାଯାଇଥିଲା । ଅସହଯୋଗ ଆନ୍ଦୋଳନ ପରେ ଉକ୍ତ ସାଇମନ କମିଶନ ବିପକ୍ଷରେ ମୁଣ୍ଡ ଟେକିଥିବା ଏହି ଜନଅସନ୍ତୋଷ ଏକ ବ୍ୟାପକ ରୂପ ନେଇ ପୂର୍ଣ୍ଣ ସ୍ୱରାଜ ଆଡ଼କୁ ଆଗେଇବାର ପ୍ରସ୍ତୁତି ଆରମ୍ଭ କରି ଦେଇଥିଲା । ପରିଣାମ ୧୯୨୯ ମସିହାରେ ଲାହୋରଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସ ଅଧିବେଶନରେ ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବକୁ ଅନୁମୋଦନ କରି ଆଇନ ଅମାନ୍ୟ ଆନ୍ଦୋଳନ ନିମନ୍ତେ ସର୍ବସମ୍ମତିରେ ପ୍ରସ୍ତାବ ଗୃହୀତ କରାଗଲା । ଏହାପରେ ଏଗାର ଦଫା ସମ୍ମିଳିତ ଶାସନ ସଂସ୍କାର ଚିଠାକୁ ସେତେବେଳର ଇଂରେଜ ବଡ଼ଲାଟ ଲର୍ଡ ଇରଉଇନ ପ୍ରତ୍ୟାଖ୍ୟାନ କରିବା ପରେ ୧୯୩୦ ମସିହାରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନର ଡାକରା ଦେଲେ ।

## ଦାଣ୍ଡିଯାତ୍ରା

ବ୍ରିଟିଶ ଲବଣ ଆଇନ ଅନୁସାରେ ଭାରତୀୟମାନେ ସେତେବେଳେ ସମୁଦ୍ରରୁ ଲୁଣ ତିଆରି ବା ବିକ୍ରି କରି ପାରୁନଥିଲେ । ଅପରପକ୍ଷେ ଲୁଣ ଉପରେ ଲୋକଙ୍କୁ ଅତ୍ୟଧିକ ଟିକସ ଦେବାକୁ ପଡୁଥିଲା । ଲୁଣ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଏଭଳି ଟିକସ ଭାରତୀୟଙ୍କ ଉପରେ ବଡ଼ ଅତ୍ୟାଚାର ଥିଲା । ଯୋଗକୁ ବ୍ରିଟିଶ ସରକାର ଶାସନ ସଂସ୍କାର ଚିଠାକୁ ଆଗ୍ରାହ୍ୟ କରିବା ଆଇନ ଅମାନ୍ୟ ଭଳି ଦୃଢ଼ ଆନ୍ଦୋଳନକୁ ଜନ୍ମ ଦେଲା । ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଥମ ପଦକ୍ଷେପ ଥିଲା ଲବଣ ସତ୍ୟାଗ୍ରହ । ୧୯୩୦ ମସିହା ମାର୍ଚ୍ଚ ମାସ ୧୨ ତାରିଖ ସକାଳ ୬. ୩୦ ମି.ରେ ନିଜର ୭୮ ଜଣ ଅନୁଗାମୀଙ୍କ ସହ ଗାନ୍ଧିଜୀ ସାବରମତୀ ଆଶ୍ରମଠାରୁ ବାହାରି ପ୍ରାୟ ୨୪୧ ମାଇଲ ଦୂର ଗୁଜୁରାଟର ଦାଣ୍ଡି ଅଭିମୁଖେ ପଦ ଯାତ୍ରା ଆରମ୍ଭ କରିଥିଲେ । ୨୪ ଦିନର ଏହି ନିରବଚ୍ଛିନ୍ନ ଯାତ୍ରାରେ ବାଟରେ ଧୀରେଧୀରେ ହଜାର ହଜାର ସଂଖ୍ୟାରେ ସାଧାରଣ ଜନତାଙ୍କ ଯୋଗଦାନ ନେତୃବର୍ଗଙ୍କୁ ଉତ୍ସାହିତ କରିଥିଲା । ସାବରମତୀଠାରୁ ଦାଣ୍ଡି ପର୍ଯ୍ୟନ୍ତ ଏହି ଯାତ୍ରା ଐତିହାସିକ 'ଦାଣ୍ଡିଯାତ୍ରା' ଭାବରେ ପ୍ରସିଦ୍ଧ । ୧୯୩୦ ଏପ୍ରିଲ ୫ ତାରିଖରେ ଏହି ଯାତ୍ରା ଦାଣ୍ଡିଠାରେ ପହଞ୍ଚିଲା ପରେ ପରଦିନ ଅର୍ଥାତ୍ ଏପ୍ରିଲ ୬ ତାରିଖରେ ଗାନ୍ଧିଜୀ ଆରବସାଗର କୂଳରୁ ଏକ ମୁଠା ଲୁଣ ବାଲି ଉଠାଇ ବ୍ରିଟିଶ ସରକାରଙ୍କ ପ୍ରଚଳିତ ଲବଣ ଆଇନକୁ ଭଙ୍ଗ କରିବାର ସଂକେତ ଦେଶବାସୀଙ୍କୁ ଦେଇଥିଲେ । ଲବଣ ଆଇନ ଭଙ୍ଗ କରି ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ଏହାକୁ ଲବଣ ସତ୍ୟାଗ୍ରହ କୁହାଗଲା । ପରବର୍ତ୍ତୀ ସମୟରେ ଗୁଜୁରାଟ ଓ ମହାରାଷ୍ଟ୍ରରେ ଜଙ୍ଗଲ ଆଇନ ଅମାନ୍ୟ, କର୍ଣ୍ଣାଟକ ଓ ଉତ୍ତର ପ୍ରଦେଶରେ ଟିକସ ବର୍ଜନ ଏବଂ ଦାଣ୍ଡି ପରେ ଓଡ଼ିଶାର ଇଞ୍ଚୁଡ଼ିରେ ଦ୍ୱିତୀୟ ଲବଣ ସତ୍ୟାଗ୍ରହ ଭାବରେ ଏହି ଆଇନ ଅମାନ୍ୟ ଆନ୍ଦୋଳନ ସମଗ୍ର ଭାରତରେ ମୁଣ୍ଡ ଟେକିଲା ।

## ଆନ୍ଦୋଳନକୁ ଦମନ ପାଇଁ ଚକ୍ରାନ୍ତ



ସେତେବେଳେ ଓଡ଼ିଶାରେ ଉତ୍କୃଷ୍ଟ ମାନର ଲୁଣ ମିଳୁଥିବାରୁ ଏହାର ଖୁବ୍ ଚାହିଦା ଥିଲା । ତେଣୁ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ପାଇଁ ଲୁଣ ଉତ୍ପାଦନ ଏକ ମୁଖ୍ୟ ଜୀବିକା ଥିଲା । ତେବେ ଲବଣ ଆଇନ ଦ୍ୱାରା ଓଡ଼ିଆଙ୍କ ଜୀବନ ବହୁଳ ଭାବରେ ପ୍ରଭାବିତ ହେଲା । ଲୁଣ ଉତ୍ପାଦନରୁ ବଞ୍ଚିତ ସାଧାରଣ ଲୋକଙ୍କୁ ନିଜ ଆବଶ୍ୟକତା ପୂରଣ ପାଇଁ ଚଡ଼ା ଦରରେ ଲୁଣ କିଣିବାକୁ ବାଧ ହେବାକୁ ପଡ଼ିଲା । ଲୁଣ ଉତ୍ପାଦନ ପ୍ରତି ନିର୍ଭରଶୀଳ ବାଲେଶ୍ୱର, ପୁରୀ, କଟକ, ଗଞ୍ଜାମ ଆଦି ଜିଲ୍ଲାରେ ଏନେଇ ଜନଅସନ୍ତୋଷ ବଢ଼ିବାକୁ ଲାଗିଲା। ସେପଟେ ଦାଣ୍ଡିଠାରେ ସତ୍ୟାଗ୍ରହୀଙ୍କ ଦ୍ୱାରା ଲବଣ ଆଇନ ଅମାନ୍ୟ ପରେ ଇଂରେଜ ସରକାରଙ୍କ ଭିତରେ ଓଡ଼ିଶାରେ ସମ୍ଭାବ୍ୟ ଆନ୍ଦୋଳନକୁ ନେଇ ଆଶଙ୍କା ଦେଖାଯାଇଥିଲା । ସମ୍ଭାବ୍ୟ ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ଆଗତୁରା ସେନା ଆଣି କଟକ ଓ ବାଲେଶ୍ୱରଠାରେ ରଖାଯାଇଥିଲା । ୧୯୩୦ ମସିହା ୧୩ ତାରିଖରେ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ିଠାରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଲବଣ ଆଇନ ଅମାନ୍ୟ କରି ପ୍ରଥମଥର ପାଇଁ ଲୁଣ ମାରିଥିଲେ । ତେବେ ଦାଣ୍ଡିର ଐତିହାସିକ ଆଇନ ଅମାନ୍ୟ ଦିବସ ଅପ୍ରେଲ ୬ ତାରିଖରୁ ଲବଣ ଆଇନ ଅମାନ୍ୟ ଉଦ୍ଦେଶ୍ୟରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ୨୧ ଜଣିଆ ସତ୍ୟାଗ୍ରହୀ ଦଳ କଟକରୁ ବାଲେଶ୍ୱରର ଇଞ୍ଚୁଡ଼ି ଅଭିମୁଖେ ବାହାରି ଥିଲେ । ଏହି ସତ୍ୟାଗ୍ରହୀ ଦଳ ଚାଲି ଚାଲି ଇଞ୍ଚୁଡ଼ି ଯାଉଥିବା ବେଳେ ବାଟରେ ଗୋପବନ୍ଧୁ ଚୌଧୁରୀଙ୍କୁ ଇଂରେଜ ପୋଲିସ ଗିରଫ କରିଥିଲା । ଏହାପରେ ଏହି ସତ୍ୟାଗ୍ରହୀ ଦଳର ନେତୃତ୍ୱ ଆଚାର୍ଯ୍ୟ ହରିହର ନେଇଥିଲେ ।

ଇଞ୍ଚୁଡ଼ିରେ ଲୁଣ ମରାଯିବା ପୂର୍ବରୁ ଇଂରେଜ ସରକାରଙ୍କ ତରଫରୁ ସତ୍ୟାଗ୍ରହୀଙ୍କୁ ପ୍ରତିହତ କରିବାକୁ ବହୁ ସଂଖ୍ୟାରେ ସେଠାରେ ପୋଲିସ ମୁତୟନ କରାଯାଇ ୧୪୪ ଧାରା ଜାରି କରାଯାଇଥିଲା । ପୋଲିସର ବ୍ୟାପକ ଦମନ ସତ୍ତ୍ୱେ ବାଟରେ ହଜାର ହଜାର ଲୋକ ସତ୍ୟାଗ୍ରହୀ ଦଳରେ ସାମିଲ ହୋଇଥିଲେ । ଏଥିରେ ଅନେକ ମହିଳା ପୁରୁଷଙ୍କ ସମେତ ଛୋଟ ଛୋଟ ପିଲା ମଧ୍ୟ ଥିଲେ । ବାଟରେ ପୋଲିସ ଦ୍ୱାରା ସତ୍ୟାଗ୍ରହୀଙ୍କ ଉପରେ ଅମାନୁଷିକ ଆକ୍ରମଣ ବି ହେଲା । ଲୋକେ ରକ୍ତାକ୍ତ ହେଲେ ସିନା ପଛଘୁଞ୍ଚା ଦେଲେ ନାହିଁ । ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗିରଫ ହେବା ଯୋଗୁଁ ସେମାନଙ୍କୁ ଜେଲରେ ରଖିବାକୁ ସ୍ଥାନର ଅଭାବ ଦେଖାଗଲା । ଫଳରେ ଅନେକ ଗିରଫ ସତ୍ୟାଗ୍ରହୀଙ୍କୁ ଓଡ଼ିଶା ବାହାର ଅସ୍ଥାୟୀ ଜେଲକୁ ପଠେଇ ଦିଆଗଲା । ବାଲେଶ୍ୱରର ଇଞ୍ଚୁଡ଼ିରୁ ଆରମ୍ଭ ହୋଇଥିବା ସତ୍ୟାଗ୍ରହ ପୁରୀ ଜିଲ୍ଲାର କୁହୁଡ଼ି, ଅସ୍ତରଙ୍ଗ, କାକଟପୁର, ଗଞ୍ଜାମ ଜିଲ୍ଲାର ହୁମ୍ମାକୁ ମଧ୍ୟ ବ୍ୟାପି ଯାଇଥିଲା । ପରବର୍ତ୍ତୀ ସମୟରେ ସୁରେନ୍ଦ୍ରନାଥ ଦାସ, ରମାଦେବୀ, ମାଳତୀଦେବୀ ପ୍ରମୁଖଙ୍କ ନେତୃତ୍ୱ ଓଡ଼ିଶାରେ ଲବଣ ସତ୍ୟାଗ୍ରହକୁ ଐତିହାସିକ ରୂପ ଦେଇଥିଲା ।

ଲବଣ ସତ୍ୟାଗ୍ରହ କେବଳ ଲୁଣ ପାଇଁ ଲଢ଼େଇ ନଥିଲା ବରଂ ଏହା ଥିଲା ଅତ୍ୟାଚାରୀ ଇଂରେଜ ଶାସନ ବିରୁଦ୍ଧରେ ଭାରତର ସାଧାରଣ ଲୋକଙ୍କ ବିଦ୍ରୋହର ପରିପ୍ରକାଶ । ସତ୍ୟାଗ୍ରହୀଙ୍କ ହାତମୁଠାରେ ସେଦିନ ସାଧାରଣ ଲୁଣ ମାଟି ନୁହେଁ ବରଂ ଏହା ଥିଲା ଭାରତମାତାର ମୁକ୍ତି ସ୍ୱର । ସେଥିପାଇଁ ତ ଲବଣ ସତ୍ୟାଗ୍ରହର ସାଧାରଣ ଉଦ୍ଦେଶ୍ୟ ସମଗ୍ର ବିଶ୍ୱ ପାଇଁ ସାମୂହିକ ଉଦ୍ୟମର ମହତ୍ତ୍ୱକୁ ସଦା ପରିପ୍ରକାଶ କରି ଆସିଛି । ଯାହା ପରବର୍ତ୍ତୀ ସମୟରେ ବିଶ୍ୱସ୍ତରରେ ଅନେକ ନୀତିନିଷ୍ଠ ଆନ୍ଦୋଳନକୁ ସଫଳତମ ପ୍ରେରଣା ଯୋଗାଇ ପାରିଛି । ■

ସିନାପାଲି, ନୂଆପଡ଼ା



ବୈଷ୍ଣବ ଚରଣ ଦାଶ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସ୍ୱଦେଶୀ ଆନ୍ଦୋଳନ ଏକ ଯୁଗାନ୍ତକାରୀ ଅଧ୍ୟାୟ । 'ସ୍ୱଦେଶୀ' ଶବ୍ଦର ଅର୍ଥ ହେଉଛି "ନିଜ ଦେଶରେ ଉତ୍ପାଦିତ ବସ୍ତୁର ବ୍ୟବହାର ।" ଏହି ଆନ୍ଦୋଳନର ମୂଳ ଉଦ୍ଦେଶ୍ୟ ଥିଲା ବିଦେଶୀ ସାମଗ୍ରୀ ବର୍ଜନ କରି ସ୍ୱଦେଶୀ ଶିଳ୍ପ, ବାଣିଜ୍ୟ ଓ ଉତ୍ପାଦନକୁ ପ୍ରୋତ୍ସାହନ ଦେବା । ୧୯୦୫ ମସିହାରେ ବଙ୍ଗଭଙ୍ଗ ବିରୋଧରେ ଏହି ଆନ୍ଦୋଳନ ସଂଗଠିତ ରୂପ ନେଇଥିଲା । ସ୍ୱଦେଶୀ ଆନ୍ଦୋଳନ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ମାଇଲଖୁଣ୍ଟ । ଏହା କେବଳ ବିଦେଶୀ ସାମଗ୍ରୀ ବର୍ଜନର ଆନ୍ଦୋଳନ ନୁହେଁ; ବରଂ ଏହା ଥିଲା ଆତ୍ମସମ୍ମାନ, ଆତ୍ମନିର୍ଭରଶୀଳତା ଓ ଜାତୀୟ ଏକତାର ମହାଅଭିଯାନ । ଏହି ଆନ୍ଦୋଳନ ଭାରତୀୟମାନଙ୍କ ମନରେ ସ୍ୱାଧୀନତାର ଦୃଢ଼ ଆକାଂକ୍ଷା ସୃଷ୍ଟି କରିଥିଲା ।

# ସ୍ୱଦେଶୀ ଆନ୍ଦୋଳନ ଦେଶପ୍ରେମ ଓ ସ୍ୱାବଲମ୍ବନର ଭାବନା



## ଆନ୍ଦୋଳନ କାହିଁକି

ଇଂରେଜ ଶାସନ ଅଧୀନରେ ଭାରତର ଅର୍ଥନୀତି ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା । ଭାରତର କୁଟୀର ଶିଳ୍ପ ଧ୍ୱଂସ ହେଲା ଓ ବ୍ରିଟେନରେ ପ୍ରସ୍ତୁତ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଭାରତୀୟ ବଜାରକୁ ଦଖଲ କରିଲା । କୃଷକ, କାରିଗର ଓ ବୁଣାକାରମାନେ ଜୀବିକା ହରାଇଲେ । ଏହି ଆର୍ଥିକ ଶୋଷଣ ବିରୋଧରେ ଭାରତୀୟମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାକୁ ଲାଗିଲା । ୧୯୦୫ ମସିହାରେ ତତ୍କାଳୀନ ଭାରତର ଭାଇସରାୟ ଲର୍ଡ କର୍ଜନ ବଙ୍ଗଭଙ୍ଗ ଘୋଷଣା କଲେ । ପ୍ରଶାସନିକ ସୁବିଧାର ନାମରେ କରାଯାଇଥିବା ଏହି ବିଭାଜନର ପ୍ରକୃତ ଉଦ୍ଦେଶ୍ୟ ଥିଲା ଜାତୀୟ ଏକତାକୁ ଦୁର୍ବଳ କରିବା । ଏହାର ପ୍ରତିବାଦରେ ସମଗ୍ର ବଙ୍ଗ ଏବଂ ପରେ ସମଗ୍ର ଭାରତରେ ସ୍ୱଦେଶୀ ଆନ୍ଦୋଳନର ଆରମ୍ଭ ହେଲା । ୭ ଅଗଷ୍ଟ ୧୯୦୫ରେ କଲିକତାର ଟାଉନ ହଲ୍‌ରେ ଏକ ବିଶାଳ ସଭାରେ ବିଦେଶୀ ସାମଗ୍ରୀ ବର୍ଜନ ଓ ସ୍ୱଦେଶୀ ବସ୍ତୁ ବ୍ୟବହାରର ସଂକଳ୍ପ ନିଆଯାଇଥିଲା । ସ୍ୱଦେଶୀ ଆନ୍ଦୋଳନରେ ଅନେକ ପ୍ରଖ୍ୟାତ ନେତା ଯୋଗଦାନ କରିଥିଲେ । ସେମାନଙ୍କ ମଧ୍ୟରେ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ, ବିପିନ ଚନ୍ଦ୍ର ପାଳ, ଅରବିନ୍ଦ ଘୋଷ, ବାଳ ଗଙ୍ଗାଧର ତିଳକ, ଲାଲା ଲଜପତ ରାୟ, ଅଶ୍ୱିନୀ କୁମାର ଦତ୍ତ ପ୍ରମୁଖ ଉଲ୍ଲେଖନୀୟ ।

## ଆନ୍ଦୋଳନର ରୂପରେଖ

ସ୍ୱଦେଶୀ ଆନ୍ଦୋଳନର କାର୍ଯ୍ୟକ୍ରମ ବହୁମୁଖୀ ଥିଲା । ବ୍ରିଟିଶ କପଡ଼ା, ଲୁଣ, ଚିନି ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ବନ୍ଦ କରିବାକୁ ଆହ୍ୱାନ ଦିଆଯାଇଥିଲା । ହସ୍ତତନ୍ତ, କୁଟୀର ଶିଳ୍ପ, ସ୍ୱଦେଶୀ କାରଖାନା ଓ ସ୍ଥାନୀୟ ବ୍ୟବସାୟକୁ ଉତ୍ସାହିତ କରାଯାଇଥିଲା । ସରକାରୀ ଶିକ୍ଷାନୁଷ୍ଠାନର ବିକଳ୍ପ ଭାବରେ ଜାତୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥାପନ କରାଯାଇଥିଲା । ସଭା, ଶୋଭାଯାତ୍ରା, ଭାଷଣ ଓ ଦେଶପ୍ରେମମୂଳକ ଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଥିଲା ।

## ଓଡ଼ିଶାରେ ସ୍ୱଦେଶୀ ଆନ୍ଦୋଳନ

ସ୍ୱଦେଶୀ ଆନ୍ଦୋଳନର ପ୍ରଭାବ ଓଡ଼ିଶାରେ ମଧ୍ୟ ପଡ଼ିଥିଲା । କଟକ, ବାଲେଶ୍ୱର, ପୁରୀ ଓ ସମ୍ବଲପୁରରେ ସଭା ଓ ଜନଜାଗରଣ କାର୍ଯ୍ୟକ୍ରମ ହୋଇଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର ପ୍ରମୁଖ ଜାତୀୟ ଚେତନାର ପ୍ରସାରରେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ସ୍ୱଦେଶୀ ବସ୍ତୁ ବ୍ୟବହାର ଓ ଦେଶୀ ଶିଳ୍ପର ବିକାଶ ପାଇଁ ଲୋକଙ୍କୁ ପ୍ରେରିତ କରାଯାଇଥିଲା ।

## ସ୍ୱଦେଶୀ ଆନ୍ଦୋଳନର ପ୍ରଭାବ



ସ୍ୱଦେଶୀ ଆନ୍ଦୋଳନ ଭାରତର ଇତିହାସରେ ଅନେକ ନୂତନ ପ୍ରଭାବ ସୃଷ୍ଟି କରିଥିଲା । ଏହି ଆନ୍ଦୋଳନ ଭାରତୀୟମାନଙ୍କ ମନରେ ଦେଶପ୍ରେମ, ଆତ୍ମସମ୍ମାନ ଓ ଜାତୀୟ ଏକତାର ଭାବନାକୁ ସୁଦୃଢ଼ କରିଥିଲା । ଦେଶୀ କପଡ଼ା, ସାବୁନ, ଦିଆସିଲି, କାଗଜ ଓ ଅନ୍ୟାନ୍ୟ ଶିଳ୍ପର ବିକାଶ ଘଟିଥିଲା । ଦେଶୀ ବ୍ୟବସାୟୀମାନେ ନୂତନ ଉତ୍ସାହ ପାଇଥିଲେ । ଛାତ୍ରମାନଙ୍କ ମଧ୍ୟରେ ଦେଶପ୍ରେମ ଓ ସ୍ୱାବଲମ୍ବନର ଭାବନା ବୃଦ୍ଧି ପାଇଥିଲା । ପ୍ରଥମଥର ପାଇଁ ଛାତ୍ର, ମହିଳା, କୃଷକ, ବ୍ୟବସାୟୀ ଓ ସାଧାରଣ ଲୋକ ବହୁ ସଂଖ୍ୟାରେ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ ଭାରତୀୟମାନଙ୍କୁ ଆତ୍ମନିର୍ଭରଶୀଳ ହେବାର ଶିକ୍ଷା ଦେଇଥିଲା । ମହାତ୍ମା ଗାନ୍ଧୀଙ୍କ ଖଦି ଆନ୍ଦୋଳନ, ଚରଖା ଓ ସ୍ୱାବଲମ୍ବନର ଧାରଣା ମଧ୍ୟ ସ୍ୱଦେଶୀ ଆନ୍ଦୋଳନରୁ ପ୍ରେରଣା ପାଇଥିଲା । ■

ବୀରଧନଞ୍ଜୟ ପୁର, ବୁଗୁଡ଼ା, ଗଞ୍ଜାମ

# ଅସହଯୋଗ ଆନ୍ଦୋଳନ




ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ 'ଅସହଯୋଗ ଆନ୍ଦୋଳନ' ସାରା ଦେଶରେ ବେଶ୍ ପ୍ରଭାବ ପକାଇପାରିଥିଲା । ଅସହଯୋଗର ଅର୍ଥ ହେଉଛି ସବୁ କ୍ଷେତ୍ରରେ ଇଂରେଜ ସରକାରଙ୍କଠାରୁ ସହଯୋଗ ପ୍ରତ୍ୟାହାର କରିବା । ଏହି ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଦୋହଲାଇ ଦେଇଥିଲା ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତୀୟମାନେ ଇଂରେଜ ସରକାରଙ୍କୁ ବହୁତ ସାହାଯ୍ୟ କରିଥିଲେ । ତଥାପି ବ୍ରିଟିଶ ସରକାର ଭାରତୀୟଙ୍କୁ ସ୍ୱାଧୀନତା ବଦଳରେ ରାଓଲଟ୍ ଆଇନ୍, ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଭଳି ଲୋମହର୍ଷଣକାରୀ ଘଟଣା ଘଟାଇଥିଲେ । ଏହି ସବୁ ଘଟଣା ଯୋଗୁଁ ଗାନ୍ଧିଜୀ ଇଂରେଜ ସରକାରଙ୍କ ନୈତିକତା ଉପରୁ ବିଶ୍ୱାସ ହରାଇଥିଲେ । ତେଣୁ ବ୍ରିଟିଶ ସରକାରଙ୍କ ସହ ସମସ୍ତ ସମ୍ପର୍କ ଛିନ୍ନ କରି ଅସହଯୋଗ ଆନ୍ଦୋଳନ କରିବାକୁ ସେ ନିଷ୍ପତ୍ତି ନେଇଥିଲେ । ୧୯୨୦ ମସିହା ଅଗଷ୍ଟ ୧ରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୋଧରେ ଔପଚାରିକ ଭାବେ 'ଅସହଯୋଗ' ଆନ୍ଦୋଳନର ଡାକରା ଦେଇଥିଲେ । ବାଳ ଗଙ୍ଗାଧର ତିଳକଙ୍କ ମୃତ୍ୟୁ ପରେ ଗାନ୍ଧୀଙ୍କ ଉପରେ କଂଗ୍ରେସର ଦାୟିତ୍ୱ ପଡ଼ିଥିଲା । ଏହାପରେ ୧୯୨୦ ଡିସେମ୍ବର ମାସରେ ନାଗପୁର କଂଗ୍ରେସ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା ।

## ଆନ୍ଦୋଳନର ମୂଳ ଲକ୍ଷ୍ୟ

ଗାନ୍ଧିଜୀଙ୍କ ଆହ୍ୱାନରେ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜବାହରଲାଲ ନେହରୁ, ସୁଭାଷ ଚନ୍ଦ୍ର ବୋଷ, ଗୋପବନ୍ଧୁ ଦାସଙ୍କ ସମେତ ସାରା ଭାରତର ଛାତ୍ର, ଓକିଲ, ସାଧାରଣ ଜନତା ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଅସହଯୋଗ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଇଂରେଜ ସରକାରଙ୍କୁ ପ୍ରଶାସନ ଚଳାଇବାରେ କୌଣସି ପ୍ରକାର ସହଯୋଗ ନ କରିବା । ପ୍ରସ୍ତାବ ଅନୁସାରେ ସରକାରୀ ସ୍କୁଲ, କଲେଜ, କୋର୍ଟ ପରିତ୍ୟାଗ କରିବା, ସରକାରୀ ଚାକିରିକୁ ବର୍ଜନ କରିବା, ବିଦେଶୀ ଲୁଗା ତଥା ଦ୍ରବ୍ୟ ବ୍ୟବହାର ନ କରିବା, ସରକାରୀ ସମ୍ମାନ ତ୍ୟାଗ କରିବା, ସରକାରୀ ଚାକିରିରୁ ଇସ୍ତଫା ଦେବା ଆଦି କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଖଦୀ ଓ ଗ୍ରାମୋଦ୍ୟୋଗର ପ୍ରସାର, ହିନ୍ଦୁ –ମୁସଲମାନ ଏକତା ବୃଦ୍ଧି, ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ ଏବଂ ଜାତୀୟଶିକ୍ଷାର ପ୍ରଚଳନ ପ୍ରଭୃତି କାର୍ଯ୍ୟକ୍ରମ ଥିଲା । ଏହି ସମୟରେ ବିଦେଶୀ ବସ୍ତ୍ର ପରିତ୍ୟାଗ କରି ସେଗୁଡ଼ିକକୁ ସାଧାରଣ ସ୍ଥାନରେ ଜଳାଇ ଦିଆଗଲା । ଘରେ ଘରେ ଅରଟର ଶବ୍ଦ ଶୁଣାଗଲା । 'ତିଳକ ସ୍ୱରାଜ ପାଣ୍ଠି'ରେ କୋଟି କୋଟି ଟଙ୍କା ଜମା ହୋଇଥିଲା । ଏହି ଆନ୍ଦୋଳନ ସମଗ୍ର ଭାରତରେ ପ୍ରଭାବ ପକାଇଥିଲା । ତେବେ ୧୯୨୨ ମସିହା ଫେବୃୟାରୀରେ ଉତ୍ତରପ୍ରଦେଶର ଗୋରଖପୁର ନିକଟରେ ଚୌରାଚୌରୀ ନାମକ ସ୍ଥାନରେ ଉତ୍ୟକ୍ତ ଜନତା ଗୋଟିଏ ପୋଲିସ ଥାନାକୁ ପୋଡ଼ି ଦେଇଥିଲେ । ଏଥିରେ କେତେ ଜଣ ପୋଲିସ୍ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ଗାନ୍ଧିଜୀ ଏହି ହିଂସାତ୍ମକ ଘଟଣାରେ ବ୍ୟଥିତ ହୋଇ ଅସହଯୋଗ ଆନ୍ଦୋଳନକୁ ହଠାତ୍ ପ୍ରତ୍ୟାହାର କରିନେଇଥିଲେ । ୧୯୨୨ ମସିହା ଫେବୃୟାରୀ ୧୨ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକରେ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ■












# ବିପ୍ଳବର ଜୟଯାତ୍ରା

**ସ୍ୱାଧୀନତା ପାଇଁ ଭାରତର ସଂଘର୍ଷ ଯାତ୍ରା ବେଶ୍ ସୁଦୀର୍ଘ । ଏହି ସମୟ ମଧ୍ୟରେ ଅନେକ ଆନ୍ଦୋଳନ ହୋଇଥିଲା । ଶେଷରେ ୧୯୪୭ ମସିହା ଅଗଷ୍ଟ ୧୩ ଓ ୧୪ ତାରିଖ ମଧ୍ୟରାତ୍ରରେ ଭାରତ ବିଦେଶୀ ଶୃଙ୍ଖଳରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଥିଲା । ତେବେ ଭାରତର କିଛି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନକୁ ନେଇ ଏହି ଉପସ୍ଥାପନା ।**


## ନୀଳ ଆନ୍ଦୋଳନ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନୀଳ ଆନ୍ଦୋଳନ ଖୁବ୍ ଗୁରୁତ୍ୱ ବହନ କରେ । ତେବେ ଇଂରେଜ ଶାସନ ବିରୋଧରେ କୃଷକମାନଙ୍କର ଏହା ପ୍ରଥମ ସଂଗଠିତ ଓ ସଂଗ୍ରାମୀ ବିଦ୍ରୋହ । ୧୮୫୯-୬୦ ମସିହାରେ ବଙ୍ଗଦେଶର ନଦିଆ ଜିଲ୍ଲାରେ ଇଂରେଜମାନେ ଚାଷୀଙ୍କୁ ଅଳ୍ପ ମୂଲ୍ୟରେ ନୀଳ ଚାଷ କରିବାକୁ ବାଧ୍ୟ କରି ଅକଥନୀୟ ଅତ୍ୟାଚାର କରୁଥିଲେ । ସେଥିପାଇଁ ଚାଷୀମାନଙ୍କ ଅତ୍ୟାଚାର ବିରୋଧରେ ଭାରତୀୟ ଚାଷୀମାନଙ୍କର ନୀଳ ଆନ୍ଦୋଳନ ବା ନୀଳ ବିଦ୍ରୋହ ଥିଲା ଏକ ପ୍ରସିଦ୍ଧ ଗଣବିଦ୍ରୋହ । ଏହି ଆନ୍ଦୋଳନର ମୁଖ୍ୟ ନେତା ଥିଲେ ଦିଗମ୍ବର ବିଶ୍ୱାସ ଓ ବିଷ୍ଣୁ ବିଶ୍ୱାସ । ତେବେ ଚାଷୀମାନେ କମ୍ ଦରରେ ବାଧ୍ୟତାମୂଳକ ଭାବେ ନୀଳ ଚାଷ କରିବାକୁ ମନା କରିଥିଲେ । ତେଣୁ ଏହି ଦୁଇ ଭାଇ ବ୍ରିଟିଶ ନୀଳ କରମାନଙ୍କ ଦ୍ୱାରା ହେଉଥିବା ଅତ୍ୟାଚାର ଓ ଜବରଦସ୍ତି ନୀଳ ଚାଷ ବିରୋଧରେ ଏକଜୁଟ୍ କରିଥିଲେ । ଏହାସହ ଏହି ବିଦ୍ରୋହର ନେତୃତ୍ୱ ନେଇ ଥିଲେ । ଏହି ଆନ୍ଦୋଳନ ପରେ ସରକାର ନୀଳ କମିଶନ ଗଠନ କରି ଏଥିରେ ଚାଷୀଙ୍କୁ ବାଧ୍ୟ କରାଯିବ ନାହିଁ ବୋଲି ନିୟମ ଆସିଥିଲା ।



## ଗଦର ଆନ୍ଦୋଳନ

ଦେଶକୁ ଇଂରେଜ ଶାସନ ମୁକ୍ତ କରିବା ପାଇଁ ବିଦେଶରେ ରହୁଥିବା ପଞ୍ଜାବୀ ତଥା ଶିଖ୍‌ମାନେ ବିଦ୍ରୋହର ସ୍ୱର ଉତ୍ତୋଳନ କରିଥିଲେ । ଯାହାର ଫଳସ୍ୱରୂପ ୧୯୧୫ ମସିହାରେ ଆରମ୍ଭ ହୋଇଥିଲା ଗଦର ଆନ୍ଦୋଳନ ବା ଗଦର କ୍ରାନ୍ତି । ଆମେରିକାରେ ପ୍ରବାସୀ ଭାରତୀୟମାନେ ୧୯୧୩ ମସିହାରେ ଗଦର ପାର୍ଟି ଗଠନ କରିଥିଲେ । ଯାହାର ଉଦ୍ଦେଶ୍ୟ ଥିଲା ଭାରତର ପୂର୍ଣ୍ଣ ସ୍ୱାଧୀନତା । ଏଥିପାଇଁ ଏହି ପାର୍ଟି ସାମ୍ରାଜ୍ୟବାଦ ବିରୋଧରେ ସଂଘର୍ଷ ଘୋଷଣା ମଧ୍ୟ କରିଥିଲା । ଏହାର ସଂସ୍ଥାପକ ଅଧ୍ୟକ୍ଷ ସର୍‌ଦାର ସୋହନ ସିଂହ ଭାକନା ଥିଲେ । ଏହା ସହ 'ଗଦର' ନାମରେ ଏକ ସାପ୍ତାହିକ ଖବରକାଗଜ ପ୍ରକାଶ କରିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା । ଏହାର ଦାୟିତ୍ୱ କରତାର ସିଂହ ସରାଭାଙ୍କୁ ଦିଆଯାଇଥିଲା । 'ଗଦର' ଖବରକାଗଜରେ ଦେଶ ଭକ୍ତିଭରା ଉତ୍ସାହ କବିତା ଛପା ଯାଉଥିଲା । ଯାହାର ପ୍ରଭାବ ଲୋକମାନଙ୍କ ଉପରେ ପଡୁଥିଲା । ଏହି ପାର୍ଟି ପଛରେ ଲାଲା ହରଦୟାଲଙ୍କ ଭାବନା ଥିଲା । ସେ ଆମେରିକା ଯାଇଥିଲେ ଏବଂ ସେଠାରେ ପ୍ରବାସୀ ଭାରତୀୟମାନଙ୍କୁ ଏକତ୍ର କରିବା ଆରମ୍ଭ କରିଥିଲେ । ଗଦର ପାର୍ଟି ୧୯୧୫ ମସିହା ଫେବୃଆରୀ ୨୧ରେ ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ନିଷ୍ପତ୍ତି ନେଇଥିଲା । ତେବେ ଗଦାର ମୁଖବୀର କିରପାଲ ସିଂହ ବ୍ରିଟିଶ୍ ସରକାରଙ୍କୁ ଏ ସଂପର୍କରେ ସୂଚନା ଦେଇଥିଲା । ଏହି ସୂଚନା ଯେତେବେଳେ କ୍ରାନ୍ତିକାରୀମାନଙ୍କୁ ମିଳିଲା ସେମାନେ ବିଦ୍ରୋହକୁ ୧୯ ଫେବୃଆରୀକୁ ଘୁଞ୍ଚାଇ ଦେଲେ । ଅବଶ୍ୟ ଏହି ଖବର ମଧ୍ୟ ଇଂରେଜ ସରକାରଙ୍କ ପାଖରେ ପହଞ୍ଚି ଯାଇଥିଲା । କ୍ରାନ୍ତିକାରୀମାନେ ଲାହୋରଠାରେ ଏକତ୍ର ହୋଇଥିଲେ । ଏହି ଖବର ପୋଲିସ୍ ଜାଣିପାରି ଅନେକ କ୍ରାନ୍ତିକାରୀଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ୧୫୦ ଜଣ କ୍ରାନ୍ତିକାରୀଙ୍କୁ ଇଂରେଜ ସରକାର ଫାଶୀ ଦଣ୍ଡ ଦେଇଥିଲେ । ଏହି ଆନ୍ଦୋଳନକୁ ଇଂରେଜ ସରକାର ବଳପୂର୍ବକ ଦମନ କରିଥିଲେ ଏବଂ ଏହା ଆଂଶିକ ସଫଳ ହୋଇଥିଲା ।





## ଚମ୍ପାରଣ ସତ୍ୟାଗ୍ରହ

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ହୋଇଥିବା ପ୍ରଥମ ଆନ୍ଦୋଳନ ହେଉଛି ଚମ୍ପାରଣ ସତ୍ୟାଗ୍ରହ । ଏହା ପରାଧୀନ ଭାରତର ପ୍ରଥମ ଆଇନ ଅମାନ୍ୟ ଆନ୍ଦୋଳନ । ବ୍ରିଟିଶ ଶାସନ ସମୟରେ ଚମ୍ପାରଣ ଗରିବ କୃଷକଙ୍କୁ ବଳପ୍ରୟୋଗ ଦ୍ୱାରା ନୀଳ ଚାଷ ପାଇଁ ବାଧ୍ୟ କରାଯାଉଥିଲା । ଏହାଦ୍ୱାରା ଚାଷୀଙ୍କୁ କୌଣସି ପ୍ରକାର ଲାଭ ମିଳୁ ନ ଥିଲା । ଫଳରେ ୧୮୫୦ ମସିହାରେ ସେମାନେ ଏହାକୁ ବିରୋଧ କରିଲେ । ଚାଷୀଙ୍କ ଏତାଦୃଶ୍ୟ ଦୁର୍ଦ୍ଦଶା ସମ୍ପର୍କରେ ଗାନ୍ଧିଜୀ ଜାଣିବା ପରେ ୧୯୧୭ ମସିହା ଏପ୍ରିଲ ୧୯ ରେ ସେଠାରେ ପହଞ୍ଚିଲେ । ଏହାର ନେତୃତ୍ୱ ନେଇଥିଲେ ମହାତ୍ମା ଗାନ୍ଧୀ, ବ୍ରଜକିଶୋର ପ୍ରସାଦ । ତାଙ୍କ ସହ ଥିଲେ ରାଜେନ୍ଦ୍ର ପ୍ରସାଦ, ଆଚାର୍ଯ୍ୟ କୃପାଳିନୀ ପ୍ରମୁଖ । ଚମ୍ପାରଣ ସାହୁକାର ରାଜ କୁମାର ଶୁକ୍ଳା ଏବଂ ସନ୍ତ ରାଉତ ଗାନ୍ଧୀଙ୍କୁ ଲକ୍ଷ୍ନୌରେ ଭେଟି ଚାଷୀଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଜଣାଇଥିଲେ । ବିହାରର ଚମ୍ପାରଣ ଜିଲ୍ଲାରେ ଚାଷୀମାନଙ୍କୁ ଜମିର ୨୦ ଭାଗ ଫେରାଇ ଦିଆଗଲା ।



## ହୋମ୍ ରୁଲ୍ ଆନ୍ଦୋଳନ

୧୯୧୬ ମସିହାରେ ବାଳ ଗଙ୍ଗାଧର ତିଳକ ଓ ଆନି ବେସାନ୍ତଙ୍କ ନେତୃତ୍ୱରେ ଭାରତରେ ହୋମ୍ ରୁଲ୍ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହାର ମୂଳ ଲକ୍ଷ୍ୟ ଥିଲା ବ୍ରିଟିଶ ସାମ୍ରାଜ୍ୟ ଭିତରେ ରହି ଭାରତକୁ ସ୍ୱାଧୀନତା ତଥା ନିଜର ଶାସନ ଅଧିକାର ପ୍ରଦାନ କରିବା । ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭରେ ଭାରତୀୟ ଜାତୀୟ କଂଗ୍ରେସର ନରମପନ୍ଥୀମାନେ ବ୍ରିଟେନ୍‌କୁ ସାହାଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ଭାରତୀୟ ଜାତୀୟ କଂଗ୍ରେସ ହୃଦୟଙ୍ଗମ କଲା ଯେ, ବ୍ରିଟେନ୍ କେବେ ବି ଭାରତର ସ୍ୱାଧୀନତା ପାଇଁ ସାହାଯ୍ୟ କରିବ ନାହିଁ । ତେଣୁ ନେତାମାନେ ଅସନ୍ତୁଷ୍ଟ ହୋଇ ଅନ୍ୟ ଉପାୟ ଖୋଜିବାକୁ ଲାଗିଲେ । ଏହି ଅସନ୍ତୋଷରୁ ଜନ୍ମ ହୋଇଥିଲା 'ହୋମ୍ ରୁଲ୍ ଆନ୍ଦୋଳନ' । ୧୯୧୫ ଓ ୧୯୧୬ ମସିହାରେ 'ହୋମ୍ ରୁଲ୍ ଲିଗ୍' ପ୍ରତିଷ୍ଠା କରାଗଲା । 'ପୁଣେ ହୋମ୍ ରୁଲ୍ ଲିଗ୍' ବାଲ୍ ଗଙ୍ଗାଧର ତିଳକ ଏବଂ ଆନି ବେସାନ୍ତଙ୍କ ଦ୍ୱାରା 'ମାଡ୍ରାସ୍ ହୋମ୍ ରୁଲ୍ ଲିଗ୍' ପ୍ରତିଷ୍ଠା କରାଯାଇଥିଲା । 'ହୋମ୍ ରୁଲ୍ ଲିଗ୍' ଭାରତୀୟ ଜାତୀୟ କଂଗ୍ରେସର ଏକ ସହାୟକ ସଂସ୍ଥା ଭାବରେ କାର୍ଯ୍ୟ କଲା । ଏହି ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ସ୍ୱରାଜ୍ୟ ପ୍ରାପ୍ତ । ତିଳକ ସ୍ୱାଧୀନତା ପ୍ରାପ୍ତି ପାଇଁ ଜୋରସୋର୍ ଆନ୍ଦୋଳନ କରିବାକୁ ଲାଗିଲେ । 'ହୋମ୍ ରୁଲ୍ ଲିଗ୍'ର ଆନ୍ଦୋଳନ ଗତିଶୀଳ ହେବା ପରେ ଇଂରେଜ ସରକାର ଦମନ କାର୍ଯ୍ୟକୁ ତୀବ୍ର କରିଥିଲେ । ଧୀରେ ଧୀରେ ଆନ୍ଦୋଳନ ତୀବ୍ର ହେବାକୁ ଲାଗିଥିଲା । ତେବେ ୧୯୧୮ ମସିହାରେ ବିଭିନ୍ନ କାରଣରୁ 'ହୋମ୍ ରୁଲ୍ ଆନ୍ଦୋଳନ' ଦୁର୍ବଳ ହେବାକୁ ଲାଗିଲା । ସରକାର ସଂସ୍କାର ପାଇଁ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ସଂଗଠନର ନେତାମାନେ ଅନୁଭବ କଲେ ଯେ ଏହି ଆନ୍ଦୋଳନର କୌଣସି ଆବଶ୍ୟକତା ନାହିଁ । ଧୀରେ ଧୀରେ ଆନ୍ଦୋଳନ ଦୁର୍ବଳ ହେବାକୁ ଲାଗିଲା । ଶେଷର ବାଲ୍ ଗଙ୍ଗାଧର ତିଳକ ଇଂଲଣ୍ଡ ଚାଲି ଗଲେ । ସେଠାରେ ଏକ ନ୍ୟାୟିକ ମାମଲାରେ ଛନ୍ଦି ହୋଇପଡ଼ିଲେ । ଭାରତରେ 'ହୋମ୍ ରୁଲ୍ ଆନ୍ଦୋଳନ' ନେତୃତ୍ୱ ବିହୀନ ହୋଇ ପଡ଼ିଲା । ତେବେ ଏହି ଆନ୍ଦୋଳନ ଜାତୀୟ ଆନ୍ଦୋଳନକୁ ଏକ ନୂତନ ଉତ୍ସାହ ଦେଇଥିଲା । ସରକାରଙ୍କୁ ଏକ ନୂତନ ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ବାଧ୍ୟ କରିଥିଲା ।



## ବର୍ଦ୍ଦୋଳି ସତ୍ୟାଗ୍ରହ

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନେତୃତ୍ୱରେ ୧୯୨୮ ମସିହାରେ ଗୁଜରାଟର ବର୍ଦ୍ଦୋଳିର କୃଷକମାନେ ସ୍ୱର ଉତ୍ତୋଳନ କରିଥିଲେ । ଏହାକୁ 'ବର୍ଦ୍ଦୋଳି ସତ୍ୟାଗ୍ରହ' କୁହାଯାଏ । ସେତେବେଳେ ପ୍ରାଦେଶିକ ସରକାର ଚାଷୀଙ୍କ ଟିକସ୍ ୨୨ ପ୍ରତିଶତ ବୃଦ୍ଧି କରିଥିଲେ । ଏହାକୁ ବିରୋଧ କରିଥିଲେ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । କଂଗ୍ରେସ ସ୍ୱେଚ୍ଛାସେବୀମାନଙ୍କର ସହାୟତାରେ ପଟେଲଜୀ ଗାଁ ଗାଁ ବୁଲି ଲୋକଙ୍କର ଅଭିଯୋଗ ଲେଖି ରଖୁଥିଲେ । ଏହା ସହ ସରକାରଙ୍କୁ ଟିକସ ନ ଦେବା ନିମିତ୍ତ ଉତ୍ସାହିତ କରୁଥିଲେ । ପଟେଲ ଦେଶରେ ଏକତା ଓ ଅହିଂସା



ନିମନ୍ତେ ଲୋକଙ୍କୁ ପ୍ରେରଣା ଯୋଗାଉ ଥିଲେ । ଏଥିପାଇଁ ସେ ପ୍ରତି ଗାଁରେ କାମ କରିବା ପାଇଁ ଏକ ସ୍ୱେଚ୍ଛାସେବୀ ମଣ୍ଡଳୀ ତିଆରି କରିଥିଲେ । ତେବେ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଇଥିଲେ, କିନ୍ତୁ ଶେଷରେ ଚାଷୀଙ୍କ ଦାବିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଜଣେ ଜୁଡିସିଆଲ୍ ଅଫିସର ବ୍ରୁମ୍‌ଫିଲ୍ଡ ଏବଂ ରାଜସ୍ୱ ଅଧିକାରୀ ମ୍ୟାକ୍ସୱେଲ୍ ସମଗ୍ର ମାମଲାର ତଦନ୍ତ କରିବା ପରେ ଟିକସ ୨୨ ପ୍ରତିଶତ ବୃଦ୍ଧିକୁ ଖାରଜ କରି ଏହାକୁ ୬.୦୩ ପ୍ରତିଶତକୁ ହ୍ରାସ କରିଥିଲେ । ଏହି ଆନ୍ଦୋଳନର ସଫଳତା ପରେ ମହିଳାମାନେ ପଟେଲଙ୍କୁ 'ସର୍ଦ୍ଦାର' ଆଖ୍ୟା ଦେଇଥିଲେ । ଏହି ଆନ୍ଦୋଳନର ସଫଳତାକୁ ନେଇ ଗାନ୍ଧୀ କହିଥିଲେ, 'ଏହିପରି ପ୍ରତ୍ୟେକ ସଂଗ୍ରାମ ଓ ପ୍ରୟାସ ଆମକୁ ସ୍ୱରାଜର ନିକଟତର କରୁଛି ।'



ରାଜସ୍ୱ ଦେୟ ପରିମାଣ କୋହଳ କରାଯିବା ବ୍ୟବସ୍ଥା ଥିଲା । ହେଲେ ଖେଡ଼ା ଚାଷୀମାନଙ୍କୁ ଇଂରେଜ କର୍ମଚାରୀମାନେ ସମ୍ପୂର୍ଣ୍ଣ ରାଜସ୍ୱ ଭରଣା କରିବାରୁ ଏହା ବିରୋଧରେ ମହାତ୍ମା ଗାନ୍ଧୀ ସତ୍ୟାଗ୍ରହ କରି ଚାଷୀମାନଙ୍କୁ ସଂଗଠିତ କଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ଚାଷୀମାନେ ଖଜଣା ଦେୟକୁ ପ୍ରତ୍ୟାଖ୍ୟାନ କଲେ । ଏଥିପାଇଁ ସେମାନେ ଯେକୌଣସି ପରିଣାମ ଭୋଗିବାକୁ ପ୍ରସ୍ତୁତ ହେଲେ । ଶେଷରେ ଇଂରେଜ ସରକାର ବାଧ୍ୟତାମୂଳକ ରାଜସ୍ୱ ଆଦାୟରୁ ନିବୃତ୍ତ ରହିଲେ । ଏକ ଗୁପ୍ତ ନିର୍ଦ୍ଦେଶନାମା ଜାରି କରି କେବଳ ସମର୍ଥ ଚାଷୀଙ୍କଠାରୁ ଏହା ଆଦାୟ କଲେ । ଏହି ଆନ୍ଦୋଳନରେ ଇନ୍ଦୁଲାଲ ଯାଜ୍ଞିକ୍ ଗାନ୍ଧିଜୀଙ୍କର ଜଣେ ପ୍ରମୁଖ ସହଯୋଗୀ ଥିଲେ । ଆନ୍ଦୋଳନର ସଫଳତାରେ ଗଭୀର ଭାବେ ପ୍ରଭାବିତ ହୋଇ ଖେଡ଼ା ଜିଲ୍ଲାର ଅଧିବାସୀ ତଥା ଅହମ୍ମଦାବାଦର ଆଇନଜୀବୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗାନ୍ଧିଜୀଙ୍କର ଜଣେ ପ୍ରଧାନ ଅନୁଗାମୀ ହୋଇଗଲେ ।

## ଖେଡ଼ା ଆନ୍ଦୋଳନ

୧୯୧୮ ମସିହାରେ ଖେଡ଼ା ଆନ୍ଦୋଳନ ମୁଣ୍ଡ ଟେକି ଥିଲା । ଦୁର୍ଭିକ୍ଷ ଯୋଗୁଁ ଗୁଜରାଟ ସ୍ଥିତ ଖେଡ଼ା ଜିଲ୍ଲାରେ ଶସ୍ୟ ଉତ୍ପାଦନ ବାଧା ପ୍ରାପ୍ତ ହେବାରୁ ଏହି ବିଦ୍ରୋହରେ ହଜାର ହଜାର ଚାଷୀ ସାମିଲ ହେଲେ । ତତ୍କାଳୀନ ରାଜସ୍ୱ ବିଭାଗର ଏକ ନିୟମ ଅନୁଯାୟୀ ଜମିର ସ୍ୱାଭାବିକ ଉତ୍ପାଦନ ପରିମାଣର ଏକ ଚତୁର୍ଥାଂଶରୁ କମ୍ ପରିମାଣରେ ଶସ୍ୟ ଉତ୍ପାଦନ ହେଲେ ଚାଷୀମାନଙ୍କ



## ଖିଲାଫତ୍ ଆନ୍ଦୋଳନ

ଅସହଯୋଗ ଆନ୍ଦୋଳନ ପୂର୍ବରୁ ହିନ୍ଦୁ-ମୁସଲମାନ ଏକତା ପାଇଁ ଏହି ଆନ୍ଦୋଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । କାରଣ ପ୍ରଥମ ବିଶ୍ୱଯୁଦ୍ଧରେ ତୁର୍କୀ ମିତ୍ରଶକ୍ତି ବିରୋଧରେ ଯୁଦ୍ଧ କରିଥିଲା । ଯୁଦ୍ଧ ସମୟରେ ତୁର୍କୀ ସାମ୍ରାଜ୍ୟକୁ ବିଭାଜିତ କରି ଦିଆଗଲା । ତେବେ ତୁର୍କୀ ପ୍ରତି ଏଭଳି ବ୍ୟବହାର ଭାରତର ମୁସଲମାନଙ୍କୁ ବ୍ୟଥିତ କଲା । ସେହିପରି ତୁର୍କୀର ସୁଲତାନ ଥିଲେ ମୁସଲମାନଙ୍କ ଧର୍ମଗୁରୁ ବା ଖଲିଫା । ତେଣୁ ସେମାନେ ସୁଲତାନମାନଙ୍କୁ ସମର୍ଥନ ଜଣାଇ ତାଙ୍କର କ୍ଷମତା ହ୍ରାସ ବିରୋଧରେ ଦୁଇ ଅଲ୍ଲୀଭ୍ରାତା ସୌକତ ଅଲ୍ଲୀ ଓ ମହମ୍ମଦ ଅଲ୍ଲୀଙ୍କ ନେତୃତ୍ୱରେ ଖିଲାଫତ୍ ଆନ୍ଦୋଳନ ଆରମ୍ଭ କରିଥିଲେ । ଖଲିଫାଙ୍କୁ ସମର୍ଥନ କରି ଏହି ଆନ୍ଦୋଳନ ହୋଇଥିବାରୁ ଏହାକୁ ଖିଲାଫତ୍ ଆନ୍ଦୋଳନ କୁହାଯାଏ । ଆନ୍ଦୋଳନ ପରିଚାଳନା କରିବା ପାଇଁ ଏକ ଖିଲାଫତ କମିଟି ଗଠନ କରାଗଲା । ଏଥିରେ ଦୁଇ ଅଲ୍ଲୀ ଭ୍ରାତାଙ୍କ ବ୍ୟତୀତ ମୌଲାନା ଆବୁଲ କାଲାମ ଆଜାଦ୍, ହକିମ ହଜମଲ ଖାଁ ଓ ହସରତ୍ ମୋହିନୀ ସଦସ୍ୟ ସାମିଲ ରହିଲେ । ତେବେ ମହାତ୍ମା ଗାନ୍ଧୀ ହିନ୍ଦୁ ଓ ମସୁଲମାନଙ୍କୁ ଏକତ୍ର କରିବା ସହିତ ଜାତୀୟ ଆନ୍ଦୋଳନର ଭିତ୍ତିଭୂମିକୁ ଦୃଢ଼ କରିବା ପାଇଁ ଆନ୍ଦୋଳନକୁ ସମର୍ଥନ କଲେ । ୧୯୧୯ ନଭେମ୍ବରରେ ଗାନ୍ଧିଜୀ ନିଖିଳ ଭାରତ ଖିଲାଫତ୍ ସମ୍ମିଳନୀର ସଭାପତି ଭାବେ ନିର୍ବାଚିତ ହେଲେ । ତୁର୍କୀର ସୁଲତାନଙ୍କ ଅଧୀନରେ ଯଥେଷ୍ଟ ଅଞ୍ଚଳ ବିଶେଷକରି ମୁସଲମାନଙ୍କ ପବିତ୍ର ସ୍ଥାନଗୁଡ଼ିକକୁ ନ ରଖିଲେ ସରକାରଙ୍କୁ ବର୍ଜନ ଓ ଅସହଯୋଗ କରିବା ପାଇଁ ସମ୍ମିଳନୀରେ ନିଷ୍ପତ୍ତି ନିଆଗଲା । ଗାନ୍ଧିଜୀ ବିଚାର କଲେ ଯେ, ଯଦି ସେ ଖିଲାଫତ ଆନ୍ଦୋଳନର ପକ୍ଷ ନେବେ, ଭାରତର ମୁସଲମାନଙ୍କ ମନ ଜିଣି ହେବ । ସେମାନଙ୍କର ନେତୃତ୍ୱ ନେବା ସହଜ ହେବ ଏବଂ ଏହି ପ୍ରକାରେ ଯଦି ହିନ୍ଦୁ ମୁସଲମାନଙ୍କ ମଧ୍ୟେ ଏକତା ହୋଇଗଲେ ଶୀଘ୍ର ସ୍ୱରାଜ୍ୟ ମିଳିଯିବ । ସେଇଠୁ ଗାନ୍ଧିଜୀ ଖିଲାଫତ ଆନ୍ଦୋଳନରେ କଂଗ୍ରେସକୁ ସାମିଲ କଲେ । କିନ୍ତୁ ଏହା ଯୋଗୁଁ ରାଜନୈତିକ ଆନ୍ଦୋଳନରେ ସାମ୍ପ୍ରଦାୟିକତା ଦେଖାଦେଲା । ଭାରତ ପାଇଁ ଅନର୍ଥକାରୀ ବିପରିତ କାରଣ ହେଲା । କିଛି ସମୟ ପାଇଁ ଖିଲାପତ ଆନ୍ଦୋଳନ ସଫଳ ହେଉଥିବା ପ୍ରତୀତ ହେଲା । ଯେଉଁ ମୁସଲମାନ ଖିଲାଫତ ପକ୍ଷରେ ନ ଥିଲେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇଲା ଏବଂ ଯେଉଁମାନେ ଖିଲାଫତ୍ ପାଇଁ କାର୍ଯ୍ୟ କରୁଥିଲେ ସେମାନଙ୍କ ଗୁରୁତ୍ୱ ବଢ଼ିଗଲା । ସେମାନେ ଲୋକପ୍ରିୟ ହୋଇଗଲେ ଯେପରି ଅଲ୍ଲୀ ଭାଇ, ମୌଲାନା ମହମ୍ମଦ ଅଲୀ ଏବଂ ସୌକତ ଅଲି । ସେତେବେଳେ ଜିନ୍ନାଙ୍କ କୌଣସି ଗୁରୁତ୍ୱ ନଥିଲା ଏବଂ ତାଙ୍କୁ କେହି ଧ୍ୟାନ ବି ଦେଉ ନ ଥିଲେ । ଏହା ପରେ ଖିଲାଫତ୍ ଆନ୍ଦୋଳନକୁ ଦବେଇ ଦିଆଗଲା ଏବଂ ମଣ୍ଟେଗୁ ଚେମ୍ସଫୋର୍ଡ ସୁଧାରର ସହାୟତାରେ ଖିଲାଫତ୍‌ର ପ୍ରଭାବକୁ ନଷ୍ଟ କରି ଦିଆଗଲା । ମୁସଲମାନ ସବୁବେଳେ କଂଗ୍ରେସ ଏବଂ ଖିଲାଫତ୍‌କୁ ପୃଥକ ବୋଲି ଭାବି ଆସୁଥିଲେ । ସେମାନେ ଖିଲାଫତ୍ ଆନ୍ଦୋଳନରେ କଂଗ୍ରେସର ସାହାଯ୍ୟ ସ୍ୱୀକାର ତ କରିଥିଲେ କିନ୍ତୁ ସେମାନେ କଂଗ୍ରେସ ସହିତ ମିଳିତ ହୋଇ ନ ଥିଲେ । ତେବେ ଯେତେବେଳେ ଆନ୍ଦୋଳନ ଅସଫଳ ହେଲା ମୁସଲମାନ ବହୁତ ନିରାଶ ହୋଇ ନିଜ କ୍ରୋଧ ହିନ୍ଦୁଙ୍କ ଉପରେ ସାଧିଲେ । ଭାରତର ବିଭିନ୍ନ ସ୍ଥାନରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଲା ଏବଂ ପ୍ରତ୍ୟେକ ସ୍ଥାନରେ ହିନ୍ଦୁ ହିଁ ପ୍ରଭୂତ କ୍ଷତି ସହିଲେ । ମହାତ୍ମା ଗାନ୍ଧୀଙ୍କ ହିନ୍ଦୁ-ମୁସଲିମ ଏକତା ସ୍ୱପ୍ନ ହୋଇ ରହିଗଲା ।





## ନୀତି ଅନୀତି ରାଜନୀତି


ଶ୍ରୀବିଦୂର

### ମୋହନଙ୍କ ଭରସା ଜିତିଲେ ସୁରେଶ



ଅସମୟରେ ବନ୍ଧୁର ପରୀକ୍ଷା ହୁଏ, ବର୍ଷା ହେଲେ ଛତା। ରାଜନୀତିରେ ବି ସେଥିରୁ ବାଦ ନୁହେଁ; ସଙ୍କଟ ସମୟରେ ଅସଲ ନେତୃତ୍ୱର ପରୀକ୍ଷା ହୋଇଥାଏ। ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟା ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଭୂମିକାକୁ ଏବେ ମୁଖ୍ୟମନ୍ତ୍ରୀ କୁଆଡ଼େ ଭୂରିଭୂରି ପ୍ରଶଂସା କରୁଛନ୍ତି । ରାଜ୍ୟରେ ଦୁଇ ଦୁଇଜଣ ଉପମୁଖ୍ୟମନ୍ତ୍ରୀ; ମାତ୍ର ବନ୍ୟା ଓ ବର୍ଷା ସମୟରେ ଏକନମ୍ବର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନଙ୍କ ଶ୍ରୀମୁଖରୁ ପଦଟିଏ ବି ପ୍ରଭାବିତଙ୍କ ପାଇଁ ଆଶ୍ୱାସନା ଝରିଲା ନାହିଁ । ବନ୍ୟା ପ୍ରଭାବିତ ଅଞ୍ଚଳରେ କେହି ତାଙ୍କୁ ଦେଖିଲେ ନାହିଁ। ଦୁଇ ନମ୍ବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ମ୍ୟାଡ଼ାମ୍ ଯେଉଁ ଅଞ୍ଚଳକୁ ଗଲେ, ସେଠାରେ ଲୋକେ ତାଙ୍କୁ ଘେରିଲେ। ହେଲେ ମୁଖ୍ୟମନ୍ତ୍ରୀ ମୋହନଙ୍କ ନିର୍ଦ୍ଦେଶକ୍ରମେ ପୂଜାରୀ ମହାଶୟ ଖାଲି ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କଲେ ନାହିଁ, ବିଭାଗୀୟ ଅଧିକାରୀଙ୍କ ସହ ରୀତିମତ ବୈଠକ କଲେ। ଗଣମାଧ୍ୟମକୁ ବନ୍ୟା ସୂଚନା ଦେଲେ, କ୍ଷେତ୍ରରେ କାର୍ଯ୍ୟ କରିବାକୁ ଅଧିକାରୀଙ୍କୁ ପଠାଇଲେ । ଯଦିଓ ବନ୍ୟାପୀଡ଼ିତଙ୍କ ପାଇଁ ହେଲିକପ୍ଟର ଶବ୍ଦଠାରୁ ରିଲିଫ୍ ଟ୍ରକ୍‌ର ଶବ୍ଦ ବେଶୀ ଆଶ୍ୱସ୍ତିଜନକ ମନେ ହୋଇଥାଏ। ସେତେବେଳେ ଲୋକେ ଭାଷଣ ଶୁଣିବାକୁ ଚାହାନ୍ତି ନାହିଁ; ସେମାନଙ୍କ ପାଖରେ ଠିଆ ହୋଇଥିବା ଲୋକଟିକୁ ମନେ ରଖନ୍ତି । ସେଥିପାଇଁ ସଙ୍କଟ ସମୟରେ ପଦ ନୁହେଁ, ପଦକ୍ଷେପ ହିଁ ମୂଲ୍ୟ ବହନ କରେ । ନିଜ ଦାୟିତ୍ୱ ଅନୁପାଳନରେ ବାବୁ ସୁରେଶ ସଫଳ ହୋଇଛନ୍ତି କି ବିଫଳ ହୋଇଛନ୍ତି ତାହାର ମୂଲ୍ୟାୟନ ଆମେ କରୁନାହୁଁ; ମାତ୍ର ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ ଜିତିବାରେ ଯେ ସେ ସଫଳ ହୋଇଛନ୍ତି, ଏହା ଆଦୌ ମିଛ ବୋଲି କୁହାଯାଇ ପାରିବ ନାହିଁ। ■

### ବ୍ୟାଣ୍ଡ ବଜାଇଦେଲେ 'ଆଲ୍‌ଫା'



କିଏ କାଶୀ ପଣ୍ଡିତ ତ କିଏ ଭୁଷ୍ ପଣ୍ଡିତ, ଶିକ୍ଷାଗତ ଯୋଗ୍ୟତା ତ କାହିଁରେ କ'ଣ । ସମସ୍ତେ ମିଳିମିଶି ଆରମ୍ଭ କଲେ ପିଲାଙ୍କ ପାଇଁ ବହି ଲେଖା, ମାତ୍ର ବହି ପ୍ରକାଶ ପାଇବା ବେଳକୁ ମାଳମାଳ ଭୁଲ୍। କେଉଁଠି ମୁଦ୍ରଣ ପ୍ରମାଦ ତ କେଉଁଠି ପ୍ରସଙ୍ଗ ବିଭ୍ରାଟ । ଇଂରାଜୀ ବହିରେ ରଜଦୋଳି ଗୀତ ଛପା ହେଲା, ଓଡ଼ିଶାର ପାହାଡ଼ ଝାଡ଼ଖଣ୍ଡରେ ବୋଲି ଲେଖା ଗଲା । ଓଡ଼ିଶା ବିଧାନସୌଧର ସ୍ଥାନରେ କର୍ଣ୍ଣାଟକର ଫଟୋ ବସିଲା। ଶେଷରେ ନିମ୍ବୁଡ଼ା ନିମ୍ବୁଡ଼ା ଗୀତ ସବୁ ରେକଡର୍ ଅତିକ୍ରମ କରିଗଲା। 'ଜେନେରେସନ ଆଲ୍‌ଫା' ତ ଓଳିଆରୁ ଗଜା। ଏହି ଜେନେରେସନର ଛୁଆ ଜେନ୍-ଜେଡ୍‌ଙ୍କଠାରୁ ଶହେପାଦ ଆଗରେ; ସେମାନେ ରାସ୍ତାରେ ରିଲ୍ କରି ସରକାରଙ୍କ ବ୍ୟାଣ୍ଡ ବଜାଇ ଦେଲେ। ଜାତୀୟ ଗଣମାଧ୍ୟମରେ ଏହି ସବୁ ଖବର ଡ଼ିବିଡ଼ିବି ହୋଇ ବାଜିଲା। ଓଡ଼ିଶା ନିନ୍ଦିତ ହେଲା, ସରକାର ଅକଳରେ ପଡ଼ିଲେ, ମୁଖ୍ୟମନ୍ତ୍ରୀ ଷଡ଼ଯନ୍ତ୍ର ଗନ୍ଧ ବାରିଲେ । ପୁଣି ସଂଶୋଧନ କରି ନୂଆ ବହି ଦିଆଯିବ ବୋଲି ବି ଘୋଷଣା କଲେ। ମାତ୍ର ଆମ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମହାଶୟ କହିଲେ ଯେ ଲୋକେ ଭୁଲ କହୁଛନ୍ତି। ବହିରେ କିଛି ଭୁଲ ବାହାରିନାହିଁ; ବହିରେ ପ୍ରକାଶିତ ବିଷୟ ଓ ପ୍ରସଙ୍ଗର ଭୁଲ ତର୍ଜମା କରାଯାଉଛି। ଏଠି କିଏ ଠିକ୍ ଓ କିଏ ଭୁଲ, ତାହା ଏଠାରେ ପ୍ରସଙ୍ଗ ନୁହେଁ; ମାତ୍ର ଭୁଲକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିବା ହି ସବୁଠାରୁ ବଡ଼ ମୁର୍ଖାମୀ। ବହି କେବଳ କିଛି ଛାପା କାଗଜ ନୁହେଁ, ଏହା ଆଗାମୀ ପିଢ଼ିର ଚିନ୍ତାଧାରାର ମୂଳଭିତ୍ତି । ମାତ୍ର ସେଥିରେ ଯଦି ସାଲିସ କରାଯିବ, ତେବେ ଭବିଷ୍ୟତର ଘର ମଜବୁତ ହେବ କିପରି ? ■

### ନୀଳ ହୋଇଗଲା ଗୋଲାପୀ



ଯୁବ ବୟସ ଆଉ ଗୋଲାପୀ ରଙ୍ଗ ଭିତରେ ସମ୍ପର୍କ କୁଆଡ଼େ ଭାରି ନିବିଡ଼ । ଏହି ବୟସରେ ଗୋଲାପୀ ଚିଠି, ଗୋଲାପୀରଙ୍ଗର ହାର୍ଟ ଇମୋଜି, ଗୋଲାପ ବାସ୍ନା ଭାରି ଭଲ ଲାଗେ ବୋଲି ଅନେକ କହନ୍ତି । ଆମ କ୍ରୀଡ଼ାମନ୍ତ୍ରୀ ବିଷ୍ଣୁ ତନୟ ସୂର୍ଯ୍ୟବଂଶୀ ଏଥିରୁ ବାଦ ପଡ଼ିବେ କିପରି ? ଜାତୀୟ ହକି ଦଳର ପୋଷାକ ରଙ୍ଗ ପରିବର୍ତ୍ତନ ପଛରେ ଯେଉଁ କାହାଣୀ ଥାଉ ନା କାହିଁକି; ନିନ୍ଦୁକମାନେ ବାବୁ ସୂର୍ଯ୍ୟବଂଶୀଙ୍କୁ ଟାଣିଓଟାରି ଏହା ସହିତ ଯୋଡ଼ି ଦେଇଛନ୍ତି । 'ମେନ୍ ଇନ୍ ବ୍ଲୁ' ଓ 'ଓମେନ୍ ଇନ୍ ବ୍ଲୁ'କୁ ପିଙ୍କ୍ ବା ଅରେଞ୍ଜ ମେନ୍ ଓ ଓମେନ୍ କରିବା ପଛରେ ଓଡ଼ିଶା କ୍ରୀଡ଼ା ବିଭାଗର ପ୍ରଚ୍ଛନ୍ନ ହାତ ଥିବା ଯେବେଠାରୁ ପ୍ରଚାର ହେଲାଣି ସେବେଠାରୁ ସୂର୍ଯ୍ୟବଂଶୀବାବୁ ଜାତୀୟସ୍ତରରେ ଚର୍ଚ୍ଚାରେ ରହିଛନ୍ତି। ବର୍ଷ ବର୍ଷ ଧରି ହକି ଖେଳାଳିଙ୍କ ନୀଳ ଜର୍ସି ସହିତ ଦେଶର ଗୌରବ ଓ ଦେଶବାସୀଙ୍କ ଆବେଗ ସହିତ ନିବିଡ଼ ଭାବରେ ଜଡ଼ିତ । ମାତ୍ର ଏହାର ରଙ୍ଗ ହଠାତ୍ ପରିବର୍ତ୍ତନ କାହିଁକି କରାଗଲା, ତାହାର ଉତ୍ତର କାହାରି ନିକଟରେ ନାହିଁ । ସରକାର ଆସୁଆସୁ ସୂର୍ଯ୍ୟବଂଶୀବାବୁଙ୍କ ବିଭାଗ କ୍ରୀଡ଼ା ପୁରସ୍କାରରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମ ହଟାଇବା ପରି ଔଦ୍ଧତ୍ୟ କରିଥିଲା; ରାଜ୍ୟବ୍ୟାପୀ ବିରୋଧ ପରେ ଏହି ନିଷ୍ପତ୍ତି ପ୍ରତ୍ୟାହାର କରାଗଲା। କେବଳ ନାମ ନୁହେଁ, ରାଜ୍ୟରେ ତ ଏବେ ରଙ୍ଗ ପରିବର୍ତ୍ତନର ପର୍ବ ଚାଲିଛି । କ୍ଷୀର ପ୍ୟାକେଟ ଠାରୁ ସରକାରୀ କୋଠାବାଡ଼ି, ଏପରିକି ବସ୍‌ଗୁଡ଼ିକ ବି ଗେରୁ ରଙ୍ଗକୁ ପରିବର୍ତ୍ତନ ହୋଇ ସାରିଛି। ଏବେ କଟକରେ ଏସ୍‌ସିବି ନୂଆ ଅଟ୍ଟାଳିକାରେ ଗେରୁ ରଙ୍ଗ ବୋଳାଯାଉଛି । ତେଣୁ ପ୍ରାୟୋଜକ ଭାବରେ ଓଡ଼ିଶା ସରକାର ଖେଳାଳିଙ୍କ ଜର୍ସିର ରଙ୍ଗ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇଥିବା ଓ ଏହାପଛରେ ସୂରଜଙ୍କ ଭୂମିକା କଥାକୁ ଅନେକ ସତ ମଣିବା ସ୍ୱାଭାବିକ୍। ■

### ବଂଶ ବୁଡ଼ିବା ବେଳକୁ ଘୋଡ଼ାମୁହାଁ ପୁଅ



ପ୍ରବଳ ଇଂରାଜୀ ଜ୍ଞାନ ପାଇଁ ଅତିମାତ୍ରାରେ ପ୍ରସିଦ୍ଧ ପ୍ରକାଶ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଯେଉଁ କାଣ୍ଡ କାରଖାନା କଲେ, ତାହା କେବଳ ତାଙ୍କୁ ନୁହେଁ; ତାଙ୍କ ଦଳ ଓ ସରକାରଙ୍କୁ ଅକଳରେ ପକାଇ ଦେଇଛି । ଆଜିକାଲି ରାଜନୀତିରେ ଜାଗିରଦାରୀ ନାହିଁ କି ଆଜିକାଲିର ଯୁବ ଭୋଟରମାନେ କୌଣସି ଭୋଟ ବ୍ୟାଙ୍କର ପୁଞ୍ଜି ଭାବରେ ସୀମିତ ନାହାନ୍ତି। ପ୍ରକାଶବାବୁ ଯଦି ସେତିକି ବୁଝି ଥାଆନ୍ତେ, ତେବେ ସେ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ର-ଶିକ୍ଷକଙ୍କ ବୈଠକରେ ଅନଧିକୃତ ଭାବରେ ପଶି ନ ଥାନ୍ତେ କି ତାଙ୍କଠାରୁ ବୟସରେ ବଡ଼ ଅଧ୍ୟାପକମାନଙ୍କ ପ୍ରତି ଆପତ୍ତିଜନକ ଶବ୍ଦ ପ୍ରୟୋଗ କରି ନ ଥାନ୍ତେ। ବର୍ଷା ଯୋଗୁଁ ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଠସାହିର ଶହଶହ ଲୋକ ପାଣି ଘେରରେ ଅଛନ୍ତି, ସେମାନଙ୍କ ଆପତ୍ତି ଅଭିଯୋଗ ପ୍ରକାଶବାବୁଙ୍କ କାନରେ ବାଜୁନାହିଁ । ଲୋକଙ୍କ ସମସ୍ୟା ବୁଝିବାକୁ ମୁହୂର୍ତ୍ତଟିଏ ସମୟ ହେଉନାହିଁ । ମାତ୍ର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଛାତ୍ର-ଶିକ୍ଷକ ବୈଠକରେ ମାମଲତି କରିବାକୁ ବାବୁଙ୍କୁ ବେଶ୍ ସମୟ ମିଳୁଛି । ଅନ୍ୟକୁ ଗାଳି ଦେଇ କେହି ରାଜନୀତିରେ ଲୋକପ୍ରିୟ ହୋଇ ପାରେନାହିଁ, ଏ କଥା ବୁଝିବାକୁ ପ୍ରକାଶବାବୁଙ୍କୁ ବୋଧେ ଆହୁରି ଅନେକ ସମୟ ଲାଗିବ। ଜିଭରେ ହାଡ଼ ନ ଥାଏ, କିନ୍ତୁ ଏହା ଅନାୟାସରେ ଅନ୍ୟ ଲୋକର ମଞ୍ଜ ହାଡ଼ ଭାଙ୍ଗିବାକୁ ସକ୍ଷମ। ଯେଉଁମାନେ ଦୀର୍ଘଦିନ ଧରି ରାଜନୀତିରେ ଅଛନ୍ତି, ସେମାନେ ଏହାର ମର୍ମ ଠିକ୍ ଭାବରେ ବୁଝିଥିବେ । ସମ୍ଭବତଃ କଟକ ସଦର ଇଂରାଜୀ ବିଧାୟକ ବାବୁ ପ୍ରକାଶ ବୋଧହୁଏ ଏହାର ମର୍ମ ଆଜିଯାଏ ବୁଝି ପାରିନାହାନ୍ତି। ସେଇଥି ପାଇଁ ପରା ଓଡ଼ିଆରେ କଥାଟିଏ ଅଛି - ବଂଶ ବୁଡ଼ିବା ବେଳକୁ ଘୋଡ଼ା ମୁହାଁ ପୁଅ ଜନ୍ମ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ।
ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।

# ଓଡ଼ିଶାରେ ବିପ୍ଳବ





ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସ କହିଲେ ସାଧାରଣତଃ ୧୮୫୭ର ସିପାହୀ ବିଦ୍ରୋହ, ମହାତ୍ମା ଗାନ୍ଧୀଙ୍କ ସତ୍ୟାଗ୍ରହ କିମ୍ବା ଭାରତ ଛାଡ଼ ଆନ୍ଦୋଳନର କଥା ପ୍ରଥମେ ମନକୁ ଆସେ। କିନ୍ତୁ ତା'ର ବହୁ ପୂର୍ବରୁ ଓଡ଼ିଶାର ମାଟିରେ ଔପନିବେଶିକ ଶାସନ ବିରୋଧରେ ପ୍ରତିରୋଧର ଅଗ୍ନିଶିଖା ପ୍ରଜ୍ୱଳିତ ହୋଇଥିଲା। ଖୋର୍ଦ୍ଧାର ପାଇକମାନଙ୍କ ତରବାରୀ, ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ଦୀର୍ଘ ସଂଗ୍ରାମ, ଘୁମୁସରର କନ୍ଧ ଯୋଦ୍ଧାଙ୍କ ବଳିଦାନ, ଗଡ଼ଜାତ ପ୍ରଜାମାନଙ୍କ ଅଧିକାର ଲଢ଼େଇ ଏବଂ ଆଦିବାସୀ ସମାଜର ସ୍ୱାଭିମାନର ସଂଘର୍ଷ। ଭାରତର ସ୍ୱାଧୀନତା ସଂଗ୍ରାମ ଓଡ଼ିଶାର ପାହାଡ଼, ଜଙ୍ଗଲ, ଗଡ଼ଜାତ ଅଞ୍ଚଳ ସମେତ ଉପକୂଳ ଅଞ୍ଚଳରେ ଅନେକ ବିଦ୍ରୋହ, ପ୍ରଜା ଆନ୍ଦୋଳନ, ଜନଜାତି ବିପ୍ଳବ ବ୍ରିଟିଶ ଶାସନ ଏବଂ ଦେଶୀୟ ରାଜାଙ୍କ ଅତ୍ୟାଚାର ବିରୋଧରେ ଜନସାଧାରଣଙ୍କ ଅଦମ୍ୟ ସଂଘର୍ଷର ଇତିହାସ ରଚନା କରିଥିଲା। ଏହି ଆନ୍ଦୋଳନଗୁଡ଼ିକ ସ୍ୱାଧୀନତାର ମୂଳଦୁଆକୁ ଆହୁରି ସୁଦୃଢ଼ କରିଥିଲା।

## ଘୁମୁସର କନ୍ଧ ବିଦ୍ରୋହ

ଗଞ୍ଜାମର ଘୁମୁସର ପାହାଡ଼ ଓ ଘଞ୍ଚ ଜଙ୍ଗଲରେ କନ୍ଧ ଜନଜାତି ସ୍ୱାଧୀନ ଜୀବନଯାପନ କରୁଥିଲେ। ସେମାନଙ୍କ ସମାଜ, ପରମ୍ପରା ଓ ଜଙ୍ଗଲ ଉପରେ ବ୍ରିଟିଶ ହସ୍ତକ୍ଷେପ ଆରମ୍ଭ କରିବା ପରେ ଅସନ୍ତୋଷ ଦେଖାଦେଲା। ବ୍ରିଟିଶ ସରକାର କର ଆଦାୟ, ପ୍ରଶାସନିକ ନିୟନ୍ତ୍ରଣ ଓ ଜନଜାତି ସମାଜର ରୀତିନୀତିରେ ହସ୍ତକ୍ଷେପ, ମେରିଆ ପ୍ରଥା ଉଚ୍ଛେଦ ଉଦ୍ୟମ ଆଦିକୁ କନ୍ଧମାନେ ସ୍ୱାଧୀନତା ଉପରେ ଆଘାତ ବୋଲି ମନେ କରିଥିଲେ। ଫଳରେ ଘୁମୁସର ଅଞ୍ଚଳ ବିଦ୍ରୋହର କେନ୍ଦ୍ର ପାଲଟିଗଲା। ୧୮୩୫ ରୁ ୧୮୫୬ ଯାଏଁ ଘୁମୁସର ଅଞ୍ଚଳରେ କନ୍ଧ ବିଦ୍ରୋହ ସକ୍ରିୟ ଥିଲା। ଚକ୍ର ବିଶୋଇ କନ୍ଧ ଜନଜାତିକୁ ଏକତ୍ର କରି ବ୍ରିଟିଶ ସେନା ବିରୋଧରେ ଦୀର୍ଘ ସଂଗ୍ରାମ ଚଳାଇଥିଲେ। ଚକ୍ର ବିଶୋଇଙ୍କ ସହ ଧୌରା ବିଶୋଇ ମଧ୍ୟ କନ୍ଧ ବିଦ୍ରୋହର ଜଣେ ଉଲ୍ଲେଖନୀୟ ନେତା ଥିଲେ। ଉଭୟଙ୍କ ନେତୃତ୍ୱରେ ଘୁମୁସର ଅଞ୍ଚଳ ପ୍ରାୟ ଦୁଇ ଦଶନ୍ଧି ଧରି ବ୍ରିଟିଶ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇ ରହିଥିଲା। ପାହାଡ଼ିଆ ପଥ, ଜଙ୍ଗଲ ଓ ଗିରିଖାତକୁ ବ୍ୟବହାର କରି ସେ ବାରମ୍ବାର ବ୍ରିଟିଶ ସେନାକୁ ପରାସ୍ତ କରିଥିଲେ।

## କୋରାପୁଟ ଜନଜାତି ଆନ୍ଦୋଳନ

ଓଡ଼ିଶାର ଦକ୍ଷିଣାଞ୍ଚଳର ପୂର୍ବତନ କୋରାପୁଟ ଜିଲ୍ଲା (କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା) ସ୍ୱାଧୀନତା ସଂଗ୍ରାମରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଜନଜାତି ସମ୍ପ୍ରଦାୟ, କୃଷକ ଓ ସାଧାରଣ ଲୋକ ବ୍ରିଟିଶ ଶାସନ, ବନ ଆଇନ ଓ ଅନ୍ୟାୟ କର ବିରୋଧରେ ବିଭିନ୍ନ ସମୟରେ ପ୍ରତିବାଦ ଗଢ଼ିଥିଲେ। କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରିର ପାହାଡ଼ିଆ ଅଂଚଳରେ କନ୍ଧ, ସଉରା, ପରଜା, ଭୂମିଆ, ଗଦବା, କୋୟା, ଗଣ୍ଡ ଓ ଅନ୍ୟାନ୍ୟ ଜନଜାତି ସମ୍ପ୍ରଦାୟ ବ୍ରିଟିଶ ଶାସନର ବିଭିନ୍ନ ନୀତିକୁ ବିରୋଧ କରିଥିଲେ। କୋରାପୁଟ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମର ସବୁଠାରୁ ଉଜ୍ଜ୍ୱଳ ନାମ ହେଲା ଲକ୍ଷ୍ମଣ ନାୟକ। ସେ ଜନଜାତି ସମାଜକୁ ସଂଗଠିତ କରି 'ଭାରତ ଛାଡ଼' ଆନ୍ଦୋଳନରେ ନେତୃତ୍ୱ ଦେଇଥିଲେ। ୧୯୪୨ ମସିହାରେ ମାଥିଲି ଥାନା ସମ୍ମୁଖରେ ବିକ୍ଷୋଭ ପରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ୧୯୪୩ ମସିହାରେ ଫାଶି ଦିଆଯାଇଥିଲା। ୧୯୪୨ ମସିହାର 'ଭାରତ ଛାଡ଼' ଆନ୍ଦୋଳନ ସମୟରେ ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡି ନିକଟ ତୁରୀ ନଦୀ କୂଳରେ ଏକତ୍ରିତ ହଜାର ହଜାର ଆଦିବାସୀ ଓ ସାଧାରଣ ଲୋକଙ୍କ ଉପରେ ବ୍ରିଟିଶ ପୋଲିସ ଆନ୍ଦୋଳନକାରୀଙ୍କୁ ଛିନ୍ନଭିନ୍ନ କରିବା ପାଇଁ ଗୁଳି ଚଳାଇଥିଲା। ଏହି ଗୁଳିକାଣ୍ଡରେ ଅନେକ ସ୍ୱାଧୀନତା ସଂଗ୍ରାମୀ ଶହୀଦ ହୋଇଥିଲେ ଏବଂ ଅନେକ ଆହତ ହୋଇଥିଲେ।

## ପାଇକ ବିଦ୍ରୋହ

ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ୧୮୧୭ ମସିହାର ପାଇକ ବିଦ୍ରୋହ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଅନେକ ଐତିହାସିକ ଏହାକୁ ଭାରତର ପ୍ରଥମ ସୁସଂଗଠିତ ସଶସ୍ତ୍ର ଗଣବିଦ୍ରୋହ ବୋଲି ମତ ଦେଇଛନ୍ତି। ଖୋର୍ଦ୍ଧାର ପାଇକମାନେ ଗଜପତି ରାଜାଙ୍କ ସୈନିକ ଥିଲେ। ବ୍ରିଟିଶମାନେ ଖୋର୍ଦ୍ଧା ଦଖଲ କରିବା ପରେ ପାଇକମାନଙ୍କ ଜମି କାଢ଼ିନେଲେ। ସେମାନଙ୍କ ପାରମ୍ପରିକ ଅଧିକାର ବିଲୋପ କଲେ। ନୂତନ କର ବ୍ୟବସ୍ଥା ଲାଗୁ କଲେ। ଏହା ଜନ ଅସନ୍ତୋଷକୁ ଚରମ ସୀମାରେ ପହଞ୍ଚାଇଲା। ଏହି ପରିସ୍ଥିତିରେ ଖୋର୍ଦ୍ଧାର ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଭ୍ରମରବର ରାୟ ଆଦି ଜନତାଙ୍କୁ ସଂଗଠିତ କଲେ। ତାଙ୍କ ଆହ୍ୱାନରେ ପାଇକ, କୃଷକ, ଆଦିବାସୀ ଓ ସାଧାରଣ ଜନତା ଏକାଠି ହୋଇ ବ୍ରିଟିଶ ଶାସନ ବିରୋଧରେ ବିଦ୍ରୋହ ଘୋଷଣା କଲେ। ୧୮୧୭ ମାର୍ଚ୍ଚ ମାସରେ ଖୋର୍ଦ୍ଧା, ବାଣପୁର, ପିପିଲି ଓ ପୁରୀ ଅଞ୍ଚଳରେ ବିଦ୍ରୋହ ଦ୍ରୁତ ଗତିରେ ବ୍ୟାପିଗଲା। ବ୍ରିଟିଶ ସରକାରୀ କାର୍ଯ୍ୟାଳୟ ଆକ୍ରମଣ କରାଗଲା, ରାଜକୋଷ ଦଖଲ କରାଗଲା ଏବଂ କିଛି ସମୟ ପାଇଁ ବ୍ରିଟିଶ ପ୍ରଶାସନ ପ୍ରାୟ ଅଚଳ ହୋଇପଡ଼ିଲା। ଯଦିଓ ବ୍ରିଟିଶମାନେ ପରେ ବିଦ୍ରୋହକୁ ଦମନ କରିଥିଲେ, ତଥାପି ଏହା ସମଗ୍ର ଭାରତକୁ ଏକ ସ୍ପଷ୍ଟ ବାର୍ତ୍ତା ଦେଇଥିଲା। ଶୋଷଣ ବିରୋଧରେ ସଂଗଠିତ ଏଇ ପ୍ରତିରୋଧ ହିଁ ସ୍ୱାଧୀନତାର ପ୍ରଥମ ଆନ୍ଦୋଳନ ଥିଲା ବୋଲି କୁହାଯାଏ।

## ପ୍ରଜାମଣ୍ଡଳ ଆନ୍ଦୋଳନ

୧୮୦୫ ମସିହା ଶେଷ ସୁଦ୍ଧା ଓଡ଼ିଶାର ପ୍ରାୟ ସମସ୍ତ ଗଡ଼ଜାତ ରାଜ୍ୟ ଇଂରେଜମାନଙ୍କ ଅଧୀନତା ସ୍ୱୀକାର କରି ସାରିଥିଲେ। କଠୋର ନିୟମ ଯୋଗୁଁ ଇଂରେଜ ଶାସନ ସମୟରେ ଧାର୍ଯ୍ୟ ଭୂ-ରାଜସ୍ୱ ସଂଗ୍ରହ ହେଉଥିଲା। ରାଜକର୍ମଚାରୀଙ୍କ ଅତ୍ୟାଚାର ବିରୋଧରେ ଗଡ଼ଜାତ ଅଞ୍ଚଳରେ ପ୍ରଜାମାନେ ସଂଗଠିତ ହେବାକୁ ଆରମ୍ଭ କଲେ। ଏହି ସଂଗଠିତ ଆନ୍ଦୋଳନର ନାମ ହେଲା ପ୍ରଜାମଣ୍ଡଳ ଆନ୍ଦୋଳନ। ଓଡ଼ିଶାର ତାଳଚେର, ଢେଙ୍କାନାଳ, ନୀଳଗିରି, ନୟାଗଡ଼, ରଣପୁର, ଆଠମଲ୍ଲିକ, ହିନ୍ଦୋଳ, ବୌଦ୍ଧ, ଆଠମଲ୍ଲିକ, କଳାହାଣ୍ଡି, ସୋନପୁର ଇତ୍ୟାଦି ଅଞ୍ଚଳ ସମେତ ବିଭିନ୍ନ ଦେଶୀୟ ରାଜ୍ୟରେ ପ୍ରଜାମଣ୍ଡଳ ଗଠନ ହୋଇଥିଲା। ଫଳରେ ଗଡ଼ଜାତ ରାଜ୍ୟଗୁଡ଼ିକରେ ରାଜଶାସନ ବିରୋଧୀ ଜନମତ ଶକ୍ତିଶାଳୀ ହେଲା।



ଶତାବ୍ଦୀର ଅନ୍ତିମ ଚରଣରେ ନୟାଗଡ଼ ଓ ରଣପୁର ଗଡ଼ଜାତ ରାଜାଙ୍କ ଅତ୍ୟାଚାର, ଅଧିକ କର ଆଦାୟ, ବେଗାରି ପ୍ରଥା ଏବଂ ପ୍ରଜାଙ୍କ ମୌଳିକ ଅଧିକାରର ଅଭାବ ବିରୋଧରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ସେହିପରି ପ୍ରଜାମଣ୍ଡଳ ଆନ୍ଦୋଳନ ସମୟରେ ହଜାର ହଜାର ପ୍ରଜା ତାଳଚେର ଛାଡ଼ି ପଡ଼ୋଶୀ ଅଞ୍ଚଳକୁ ଶରଣାର୍ଥୀ ଭାବେ ଚାଲିଯାଇଥିଲେ। ଏହି ଘଟଣାକୁ 'ହିଜରତ ଆନ୍ଦୋଳନ' ବୋଲି କୁହାଯାଏ। ଗଡ଼ଜାତ ଆନ୍ଦୋଳନଗୁଡ଼ିକ ମଧ୍ୟରେ ଢେଙ୍କାନାଳର ସଂଗ୍ରାମ ସବୁଠାରୁ ସ୍ମରଣୀୟ। ୧୯୩୮ ଅକ୍ଟୋବର ୧୧ ରାତିରେ ବ୍ରାହ୍ମଣୀ ନଦୀ କୂଳର ନୀଳକଣ୍ଠପୁର ଘାଟରେ ମାତ୍ର ବାର ବର୍ଷର ବାଜି ରାଉତ ଇଂରେଜ ପୋଲିସକୁ ନଦୀ ପାର ପାଇଁ ମନା କରି ଇଂରେଜ ଗୁଳିରେ ଶହୀଦ ହେଲେ। ପରେ ଆଉ ଅନେକ ପ୍ରଜାମଣ୍ଡଳ କର୍ମୀ ମଧ୍ୟ ପ୍ରାଣ ହରାଇଥିଲେ। ସେହିପରି ଆଠମଲ୍ଲିକ ପ୍ରଜାମଣ୍ଡଳ ଆନ୍ଦୋଳନ, କଳାହାଣ୍ଡି ପ୍ରଜାମଣ୍ଡଳ ଆନ୍ଦୋଳନ ଓଡ଼ିଶାର ଗଡ଼ଜାତ ପ୍ରଜା ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଅନ୍ୟତମ। ୧୮୬୮ ମସିହାରେ ବାମଣ୍ଡାରେ ରାଜାଙ୍କ ବିରୁଦ୍ଧରେ କନ୍ଧମେଳି ହୋଇଥିଲା।

## ଓଡ଼ିଶାର ପ୍ରମୁଖ ଜନଜାତି ବିଦ୍ରୋହ

୧୮୩୭–୧୮୫୬ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଘୁମୁସର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି , ରାୟଗଡ଼ା ଆଦି ଅଞ୍ଚଳରେ କନ୍ଧ ଜନଜାତିଙ୍କ ମଧ୍ୟରେ ବ୍ରିଟିଶ ହସ୍ତକ୍ଷେପ, ଜଙ୍ଗଲ ଉପରେ ନିୟନ୍ତ୍ରଣ, କର ବ୍ୟବସ୍ଥା ଓ ପାରମ୍ପରିକ ଜୀବନରେ ହସ୍ତକ୍ଷେପ ଆଦିକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ସେହିପରି ଗଜପତି, ଗଞ୍ଜାମ ଓ ରାୟଗଡ଼ା ଆଦି ଅଂଚଳରେ ଊଣେଇଶ ଶତାବ୍ଦୀର ଶେଷଭାଗ ଓ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ବିଭିନ୍ନ ପ୍ରତିରୋଧ ଓ ବିପ୍ଳବ ଦେଖାଦେଇଥିଲା। ସଉରା ସମ୍ପ୍ରଦାୟ ନିଜ ଜଳ, ଜଙ୍ଗଲ, ଜମି ଅଧିକାର ରକ୍ଷା ପାଇଁ ସଂଗଠିତ ପ୍ରତିରୋଧ କରିଥିଲେ। ଅପରପକ୍ଷେ ମୟୂରଭଞ୍ଜ ସୀମାନ୍ତ ସହ ପୂର୍ବ ଭାରତର ସାନ୍ତାଳ ଅଞ୍ଚଳରେ ସିଧୁ ମୁର୍ମୁ, କାହ୍ନୁ ମୁର୍ମୁ, ଚାନ୍ଦ ଓ ଭୈରବ ଆଦି ସଂଗ୍ରାମୀଙ୍କ ନେତୃତ୍ୱରେ ସାନ୍ତାଳୀମାନେ ମହାଜନ, ଜମିଦାର ଓ ବ୍ରିଟିଶ ପ୍ରଶାସନର ଶୋଷଣ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସେହିପରି କୋହ୍ଲ , ଭୂମିଜ, ବିଞ୍ଝାଲ, ଗୋଣ୍ଡ, କୋୟା ଆନ୍ଦୋଳନ ଓଡିଶାର ମୁକ୍ତି ସଂଗ୍ରାମକୁ ନୂଆ ଦିଶା ଦେଖାଇଥିଲା। ଭାରତର ମୁକ୍ତି ସଂଗ୍ରାମରେ ଓଡ଼ିଶାର ଜନଜାତିଙ୍କ ଅବଦାନ ସ୍ମରଣୀୟ। ଚକରା ବିଶୋୟୀ, ସୁରେନ୍ଦ୍ର ସାଏଙ୍କଠାରୁ ଆରମ୍ଭ କରି ଲକ୍ଷ୍ମଣ ନାୟକ, ରେଣ୍ଡୋ ମାଝୀ, ବୀର ମାଧୋ ସିଂହ, ଧରଣୀଧର ନାୟ ମାଦ୍ରୀ କାଲୋ, ନବଘନ କହଁର, ନିର୍ମଳ ମୁଣ୍ଡା , କମଳ ଲୋଚନ ଦୋରା ବିଷୋୟୀ, ତାମା ଦୋରା, ରତ୍ନା ନାୟକ, ସାଣ୍ଡି ଶବର ରାଧାକୃଷ୍ଣ ଦଣ୍ଡସେନା ଭଳି ପ୍ରମୁଖ ଜନଜାତି ସଂଗ୍ରାମୀ ଓଡ଼ିଶାର ଜନଜାତି ଆନ୍ଦୋଳନର ପ୍ରମୁଖ ବୀର ଥିଲେ। ■

ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡ଼ା-୭୬୫୦୦୧, ମୋ : ୯୪୩୭ ୯୦୯୬୭୧

## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ପ୍ରତ୍ୟେକ କାମକୁ ସୁଚାରୁ ରୂପେ କରନ୍ତୁ। ଅର୍ଥହାନିର ଶିକାର ହୋଇପାରନ୍ତି। ମଙ୍ଗଳ, ବୁଧବାରରେ କାର୍ଯ୍ୟକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହଯୋଗ ପାଇବେ। ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟକୁ ପ୍ରସାରିତ କରିବା ପାଇଁ ନୂତନ ପଥ ବାଛିବେ।

**ବୃଷ**
ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ। ଦୂରଯାତ୍ରା କରିପାରନ୍ତି। ମଙ୍ଗଳ, ବୁଧବାରରେ ସମୃଦ୍ଧି ଦେଖାଦେବ ସହ ଉଚ୍ଚ ଆଶା ସଫଳ ହେବ। ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନଦେବେ। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ।

**ମିଥୁନ**
ରବି, ସୋମବାରରେ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ। ମହିଳାମାନେ ଭାବନାକୁ ନିୟନ୍ତ୍ରଣ କରିବା ଉଚିତ। ମଙ୍ଗଳ, ବୁଧବାରରେ ବିଭିନ୍ନ ଉପାୟରେ ଆୟ କରିବେ। ଗୁରୁ, ଶୁକ୍ର, ଶନିବାରରେ ଅବହେଳାର ଶିକାର ହେବେ । ଅତ୍ୟଧିକ କାର୍ଯ୍ୟ କରି ଅସୁସ୍ଥ ମନେ କରିବେ।

**କର୍କଟ**
ରବି, ସୋମବାରରେ ସକାରାତ୍ମକ ଭାବନା ସହ କାର୍ଯ୍ୟ କରିବେ। ମଙ୍ଗଳ, ବୁଧବାରରେ କଠୋର ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତି ପାଇଁ ସଫଳତା ପାଇବେ। ଗୁରୁ, ଶୁକ୍ର, ଶନିବାରରେ ଅନ୍ୟର କଥାରେ ମୁଣ୍ଡ ପୂରାନ୍ତୁ ନାହିଁ।

**ସିଂହ**
ରବି, ସୋମବାରରେ ସମାଜରେ ପ୍ରତିଷ୍ଠିତ ହେବେ। ଭାଇଭଉଣୀଙ୍କ ସହଯୋଗ ପାଇବେ। ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳ ହାସଲ କରିବାରେ ସଫଳ ହୋଇପାରନ୍ତି। ଗୁରୁ ଶୁକ୍ର, ଶନିବାରରେ ବ୍ୟବସାୟ ଲାଭଜନକ ରହିବ। ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବାକୁ ଲାଗିବ।

**କନ୍ୟା**
ରବି, ସୋମବାରରେ କର୍ମକ୍ଷେତ୍ରରେ ବିଳମ୍ବିତ କାର୍ଯ୍ୟ କରି ଅପଦସ୍ତ ହୋଇପାରନ୍ତି। ବିଭିନ୍ନ ପ୍ରକାର ଅଭାବ ଓ ଅସୁବିଧା ଦେଖାଦେଇପାରେ। ମଙ୍ଗଳ, ବୁଧବାରରେ ଗୁରୁଜନଙ୍କ ସହଯୋଗ ମିଳିବ। ଗୁରୁ, ଶୁକ୍ର, ଶନିବାରରେ ଶତ୍ରୁହାନି ହେବେ । ବ୍ୟବସାୟିକ ପ୍ରସାର ଘଟିବ।

**ତୁଳା**
ରବି, ସୋମବାରରେ ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ। କର୍ମକ୍ଷେତ୍ରରେ ଦାୟିତ୍ୱଭାର ବଢ଼ିପାରେ। ମଙ୍ଗଳ, ବୁଧବାରରେ ଅଯଥା କଥା ଚିନ୍ତାକରି ମାନସିକ ଅବସାଦରେ ରହିପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନ ପାଇବେ। ପଡ଼ୋଶୀଙ୍କ ସହଯୋଗ ମିଳିବ।

**ବିଛା**
ରବି, ସୋମବାରରେ କୌଣସି ଏକ ଆଲୋଚନାର ଶରବ୍ୟ ହେବେ। ଅତ୍ୟଧିକ ଚିନ୍ତା କରି ଅସୁସ୍ଥ ମନେ କରିବେ। ମଙ୍ଗଳ, ବୁଧବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରି ପାଇପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ହଠାତ୍ ବନ୍ଧୁବାନ୍ଧବଙ୍କ ଆଗମନ ହୋଇପାରେ।

**ଧନୁ**
ରବି, ସୋମବାରରେ ନିଜ ଲୋକଙ୍କ ସହଯୋଗ ପାଇବେ। ଅନ୍ୟ ଉପରେ ଅଧିକ ଭରସା କରନ୍ତୁ ନାହିଁ। ମଙ୍ଗଳ, ବୁଧବାରରେ ବ୍ୟବସାୟିକ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ଦାମ୍ପତ୍ୟ ସମ୍ପର୍କରେ ମଧୁରତା ବଢ଼ିବ। ସାଙ୍ଗସାଥୀଙ୍କ ସହଯୋଗ ପାଇବେ।

**ମକର**
ରବି, ସୋମବାର ସମାଜରେ ଉଚ୍ଚସମ୍ମାନର ଅଧିକାରୀ ହେବେ। ଭାଇଭଉଣୀଙ୍କ ସହଯୋଗ ମିଳିବ। ମଙ୍ଗଳ, ବୁଧବାରରେ ବ୍ୟବସାୟୀମାନେ ଠକାମିରେ ପଡ଼ିଯାଇପାରନ୍ତି। ଗୁରୁ, ଶୁକ୍ର, ଶନିବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି । ପରିବାର ସହ ଦୂରଯାତ୍ରା ଯୋଗ ରହିଛି।

**କୁମ୍ଭ**
ରବି, ସୋମବାରରେ ସାମାଜିକ ସମାବେଶରେ ସାହାଯ୍ୟ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସାର ଅଧିକାରୀ ହେବେ। ମଙ୍ଗଳ, ବୁଧବାରରେ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ରହିବେ। ଗୁରୁ, ଶୁକ୍ର, ଶନିବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ।

**ମୀନ**
ରବି, ସୋମବାରରେ ଆଶାବାଦୀ ଓ ଉତ୍ସାହିତ ରହିବେ। ମଙ୍ଗଳ, ବୁଧବାରରେ ସାଙ୍ଗ ତଥା ପରିବାରବର୍ଗଙ୍କ ସହ ଆନନ୍ଦରେ ସମୟ କଟାଇବେ। ଗୁରୁ, ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିରୁ ଦୂରେଇ ରୁହନ୍ତୁ। ଦାମ୍ପତ୍ୟ ଜୀବନରେ ଶାନ୍ତି ରହିବ। ■